ORISSA RADIO HOUSE
52 YEARS
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 140 | Brahmapur | Friday 3 July 2026 | ବର୍ଷ: ୪୫/ ଅଙ୍କ: ୧୪୦ | ଶୁକ୍ରବାର ୩ ଜୁଲାଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦

## ସୁନ୍ଦରଗଡ଼ ଓ ରାୟଗଡ଼ାରେ ଆଲୁମିନିୟମ୍ ପ୍ରକଳ୍ପ ପାଇଁ ଏମ୍ଓୟୁ

### ୧.୧ ଲକ୍ଷ କୋଟି ନିବେଶ କରିବ ଆଦାନୀ ଗ୍ରୁପ୍
### ସୃଷ୍ଟି ହେବ ୫୩, ୫୦୦ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୨।୭: ଓଡ଼ିଶା ଶିଳ୍ପ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ । ଓଡ଼ିଶା ସରକାର, ଆଦାନୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ଓ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ ମଧ୍ୟରେ ମେଗା ସମନ୍ୱିତ ଆଲୁମିନିୟମ ପ୍ରକଳ୍ପ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଗ୍ରୀନ ମେଟାଲ୍ସ ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରାକୁ ସୁଦୃଢ଼ କରିବାରେ ଏହି ପ୍ରକଳ୍ପ ସହାୟକ ହେବ । ୧.୧୦ ଲକ୍ଷ କୋଟି ଟଙ୍କାର ନିବେଶରେ ସୃଷ୍ଟି ହେବ ୫୩, ୫୦୦ ନିଯୁକ୍ତି ସୁଯୋଗ । ସମୃଦ୍ଧ ଓଡ଼ିଶା ୨୦୩୬’ ସଂକଳ୍ପ ଦିଗରେ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ଅର୍ଥନୀତିରେ ପରିଣତ ଓ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଦିଗରେ ଆଜି ରାଜ୍ୟ ଶିଳ୍ପ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । ଓଡ଼ିଶା ସରକାରଙ୍କ ‘ଇପିକଲ୍’ ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ ମଧ୍ୟରେ ଏକ ମେଗା ସମନ୍ୱିତ ଆଲୁମିନିୟମ ପ୍ରକଳ୍ପ ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପ୍ରସ୍ତାବିତ ପ୍ରକଳ୍ପରେ ୧୧.୫ ବିଲିୟନ ଆମେରିକୀୟ ଡଲାର ଅର୍ଥାତ ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର ବିପୁଳ ପୁଞ୍ଜିନିବେଶ କରାଯିବ । ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ୨୦୩୬



ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡିଶା ଗଠନ କରିବା ପାଇଁ ଆମର ଉଦ୍ୟମ ସଫଳତାର ସହ ଜାରି ରହିଛି । ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ ଗଠନ ହେବ । ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ, ଆଲୁମିନିୟମ ସ୍ମେଲଟିଂ, କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ସମେତ ଡାଉନଷ୍ଟ୍ରିମ ଆଲୁମିନିୟମ ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ କରାଯିବ । ଏହି ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫,୦୦୦ ଓ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮,୫୦୦ ଲୋକଙ୍କୁ ମିଶାଇ ସମୁଦାୟ ୫୩,୫୦୦ରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ରାଜ୍ୟର ଖଣିଜ ସମ୍ବଳରୁ କେବଳ ରପ୍ତାନି ନୁହେଁ, ବରଂ ବ୍ୟାପକ ମୂଲ୍ୟ ସଂଯୋଜନ ମାଧ୍ୟମରେ ଶିଳ୍ପାୟନ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ । ବିଶ୍ୱସ୍ତରରେ ବର୍ତ୍ତମାନ ‘ଗ୍ରୀନ ମେଟାଲ୍ସ’ ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରା ସୃଷ୍ଟି ହୋଇଛି । ଏ ଦିଗରେ ଓଡିଶା ବର୍ତ୍ତମାନ ଏକ ଅଗ୍ରଣୀ ଭୂମିକା ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି । ଏହି ପ୍ରକଳ୍ପ ଆମର ଏ ଲକ୍ଷ୍ୟ ପୂରଣ କରିବା ଦିଗରେ ସହାୟକ ହେବ । ଆମ ସରକାର ‘ସମୃଦ୍ଧ ଓଡ଼ିଶା ୨୦୩୬’ ଏବଂ ‘ବିକଶିତ ଭାରତ ୨୦୪୭’ର ସଂକଳ୍ପ ନେଇ ଆଗକୁ ବଢ଼ୁଛି । ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୨୦୩୬ ମସିହା ସୁଦ୍ଧା ରାଜ୍ୟକୁ ଏକ ଶିଳ୍ପରେ ଅଗ୍ରଣୀ ଅଞ୍ଚଳ ଭାବେ ଗଢ଼ିତୋଳିବାକୁ ସରକାର ବଦ୍ଧପରିକର । ଗ୍ରୁପ ସହିତ କେବଳ ଆଲୁମିନିୟମ ପ୍ରକଳ୍ପ ନୁହେଁ, ବରଂ ଗବେଷଣା ଓ ବିକାଶ, ମେଟାଲର୍ଜି, ଡିଜିଟାଲ୍ ସିଷ୍ଟମ ଏବଂ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର ଭଳି ଉଦୀୟମାନ କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି କରାଯିବ ।

ଆଦାନୀ ପୋର୍ଟସ୍ ଆଣ୍ଡ୍ ଏସଇଜେଡ୍ ଲିମିଟେଡ ମ୍ୟାନେଜିଂ ଡାଇରେକ୍ଟର କରନ ଆଦାନୀ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପ୍ରଚୁର ଖଣିଜ ସମ୍ପଦ ଏବଂ ଶିଳ୍ପ ସମ୍ଭାବନାକୁ ଉଚ୍ଚ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଓଡ଼ିଶାରେ ଥିବା ଦେଶର ସର୍ବବୃହତ ବକ୍ସାଇଟ ଭଣ୍ଡାର ଓ ୫୦ ପ୍ରତିଶତରୁ ଅଧିକ ଲୁହାପଥର ଏହାକୁ ଭାରତର ଶିଳ୍ପ ଜଗତର ମେରୁଦଣ୍ଡ ଭାବେ ଗଢ଼ି ତୋଳିଛି । ବର୍ତ୍ତମାନର ସରକାରଙ୍କ ଦୃଢ଼ ନୀତି ଯୋଗୁଁ ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟରୁ ରୂପାନ୍ତରିତ ହୋଇ ଏକ ଉତ୍ପାଦନ କେନ୍ଦ୍ର ପାଲଟିଛି । ଏହି ଓଡ଼ିଶାର ଜନସାଧାରଣ ଓ ସ୍ଥାନୀୟ ଅର୍ଥନୀତିକୁ ବିଶ୍ୱସ୍ତରକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ପ୍ରକଳ୍ପର ସଫଳତା ପାଇଁ ଜମି, ଜଳ, ବିଦ୍ୟୁତ, ଲଜିଷ୍ଟିକ୍ସ ଏବଂ ସରକାରୀ ମଞ୍ଜୁରୀ ଭଳି ସମସ୍ତ ଆନୁଷଙ୍ଗିକ ସୁବିଧା ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ଏବଂ ସମୟବଦ୍ଧ ଭାବରେ ଯୋଗାଇ ଦିଆଯିବ ।

## ସୃଷ୍ଟି ହେଲା ଲଘୁଚାପ

### ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨।୭: ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପଉନଠାରୁ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ ଆଡ଼କୁ ଢଳି ରହିଛି। ଆଗାମୀ ୨-୩ ଦିନ ମଧ୍ୟରେ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏନେଇ ଗୁରୁବାର ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଛି ସୂଚନା। ଏହା ସହିତ ଆସନ୍ତା ୭ ଦିନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ନେଇ ୟେଲୋ, ଅରେଞ୍ଜ ଓ ରେଡ୍ ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଭାଗ। ୩ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସୋନପୁର, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

ଅନୁଗୋଳ, ଢେଙ୍କାନାଳ ଓ ଯାଜପୁର ଜିଲ୍ଲାକୁ ଛାଡ଼ି ବାକି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। କାରଣ ସେହି ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୩ତାରିଖ ଦୁଇଟି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଦୁଇ ଜିଲ୍ଲା ହେଉଛି କୋରାପୁଟ ଓ ମାଲକାନଗିରି। ଏହି ସମୟ ମଧ୍ୟରେ ଏହି ଦୁଇ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ଆଉ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଓ ଗଜପତି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କଟକ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### କନ୍ଧମାଳ ଜିଲ୍ଲାରେ ସ୍କୁଲ୍ ଛୁଟି ଘୋଷଣା

କନ୍ଧମାଳ ଜିଲ୍ଲାରେ ୨ ଦିନ ସ୍କୁଲ୍ ଛୁଟି ଘୋଷଣା। ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ। ସମସ୍ତ ସରକାରୀ, ବେସରକାରୀ ସ୍କୁଲ୍ ଆଜି ଓ ଆସନ୍ତାକାଲି ପାଇଁ ବନ୍ଦ କରାଯାଇଛି। ମାତ୍ର ଛୁଟି ସମୟରେ ଜାରି ରହିବ ପରୀକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟ। କନ୍ଧମାଳ ଜିଲ୍ଲାରେ ଦୁଇ ଦିନ ହେଲାଣି ଲଗାଣ ବର୍ଷା ଜାରି ରହିଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଡୁହାକୁ ଡୁହା ବର୍ଷା ହେଉଛି। ଫଳରେ ବିଭିନ୍ନ ନଦୀ,ନାଳ ଫୁଲିବା ସହିତ ବହୁ ଅଞ୍ଚଳ ଜଳାର୍ଣ୍ଣବ ହେଇଛି।କନ୍ଧମାଳ ଜିଲ୍ଲା ପାଣିପାଗ ବିଭାଗ ଠାରୁ ମିଳିଥିବା ସୂଚନା ଅନୁସାରେ ଗତକାଲି ଠାରୁ ଆଜି ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ମିଶାଇ ମୋଟ ୪୬୭.୨ ମଲିମିଟର ବର୍ଷା ହୋଇଛି। ସର୍ବାଧିକ ବର୍ଷା ହୋଇଛି ବାଲିଗୁଡ଼ା। ଏଠାରେ ୯୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଖଜୁରୀପଡ଼ାରେ ୭୫.୨ ମିଲିମିଟର ଏବଂ ଫିରିଙ୍ଗିଆରେ ୭୨.୬ ମିଲିଲିଟର ବର୍ଷା ରେକର୍ଡ କରାଯାଇଛି। ସମ୍ଭାବ୍ୟ ଅତିରୁ ଅତି ପ୍ରବଳ ବର୍ଷା ସ୍ଥିତିର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଇଛି ବୋଲି କନ୍ଧମାଳ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ହେଲିକପ୍ଟର ବୁଲା ଓ ଆର୍ଥିକ ଅନିୟମିତତା ମାମଲାରେ
## ନବୀନ ଓ ପାଣ୍ଡିଆନଙ୍କୁ କୋର୍ଟଙ୍କ ସମନ

ଭୁବନେଶ୍ୱର, ୨।୭ : ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ଘନିଷ୍ଠ ସହଯୋଗୀ ଭିକେ. ପାଣ୍ଡିଆନଙ୍କ ପାଇଁ ଆଇନଗତ ଅଡୁଆ ବଢ଼ିବାରେ ଲାଗିଛି। ନବୀନ ମୁଖ୍ୟମନ୍ତ୍ରୀ ଥିବାବେଳେ ପାଣ୍ଡିଆନ ରାଜ୍ୟର ବିଭିନ୍ନ ସ୍ଥାନକୁ ଶତାଧିକ ଥର ହେଲିକପ୍ଟରରେ ଗସ୍ତ ଓ ଭବ୍ୟ ସଭା କରିବା ଏବଂ ସେସବୁ ବାବଦରେ ହୋଇଥିବା କୋଟି କୋଟି ଟଙ୍କା ଖର୍ଚ୍ଚକୁ ନେଇ ଦାଏର କ୍ରିମିନାଲ ରିଭିଜନ୍ ଆବେଦନକୁ ବିଚାର ପାଇଁ ଗ୍ରହଣ କରିଛନ୍ତି ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲ୍ଲା ଦୌରା ଜଜ୍। ଏହି ହାଇପ୍ରୋଫାଇଲ୍ ମାମଲାରେ ଦୌରା ଜଜ୍ ବିଏନ୍ ମହାନ୍ତି ଉଭୟ ନବୀନ ଓ ପାଣ୍ଡିଆନଙ୍କୁ ସମନ୍ ଜାରି କରିବା ସହ ଆସନ୍ତା ଜୁଲାଇ ୧୫ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ନୋଟିସ ପରେ ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ଆଡଭୋକେଟ୍ ସୁଧୀର ଚରଣ ମହାନ୍ତି ଭୁବନେଶ୍ୱର ଏସଡିଜେଏମ୍ କୋର୍ଟଙ୍କ ପୂର୍ବ ଆଦେଶକୁ ଚ୍ୟାଲେଞ୍ଜ କରି ବରିଷ୍ଠ ଓକିଲ ମନୋଜ ନାୟକଙ୍କ ମାଧ୍ୟମରେ ଜିଲ୍ଲା ଦୌରା ଜଜଙ୍କ ନିକଟରେ ଏହି କ୍ରିମିନାଲ ରିଭିଜନ ପିଟିସନ୍ ଦାଏର କରିଥିଲେ। କୋର୍ଟ ଏହି ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରାରମ୍ଭିକ ଶୁଣାଣି ପରେ ଏହାକୁ ଆଗକୁ ବଢ଼ାଇବା ନିମନ୍ତେ ଅନୁମତି ଦେଇଛନ୍ତି। କୋର୍ଟଙ୍କ ଏହି ଆଭିମୁଖ୍ୟ ପରେ ନବୀନ ଓ ପାଣ୍ଡିଆନଙ୍କୁ ସମଗ୍ର ବିବାଦ ଉପରେ ନିଜ ପକ୍ଷ ରଖିବାକୁ ପଡ଼ିବାଏ ସମ୍ପର୍କରେ ସୂଚନା ଦେଇ ଆବେଦନକାରୀଙ୍କ ଓକିଲ ଶ୍ରୀ ନାୟକ କହିଛନ୍ତି ଯେ, ଦୌରା ଜଜ୍ ଏହି ରିଭିଜନ୍ ପିଟିସନକୁ ଗ୍ରହଣ କରି ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ଜୁଲାଇ ୧୫ତାରିଖ ସୁଦ୍ଧା ସେମାନଙ୍କୁ ଜବାବ ଦେବାକୁ କୁହାଯାଇଛି। ଆବେଦନକାରୀ ଶ୍ରୀ ମହାନ୍ତିଙ୍କ ଅଭିଯୋଗ ପତ୍ରକୁ ଆଧାର କରି ଏହି ସମଗ୍ର ଆଇନଗତ ପ୍ରକ୍ରିୟା ଆରମ୍ଭ ହୋଇଛି। ଶ୍ରୀ ମହାନ୍ତି ୨୦୨୪ ଅଗଷ୍ଟ ୧୪ତାରିଖରେ କ୍ୟାପିଟାଲ ଥାନାରେ ନବୀନ ଓ ପାଣ୍ଡିଆନଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ। ପୁଲିସ ତାଙ୍କର ଅଭିଯୋଗକୁ ରଖିଥିଲେ ମଧ୍ୟ କୌଣସି ଏଫଆଇଆର ରୁଜୁ କରିନଥିଲା, ଯାହାକୁ ନେଇ ସେ ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ‘୧-ସିସି’ରେ ମାମଲା ରୁଜୁ କରିଥିଲେ। ମାତ୍ର କୋର୍ଟ ଏହି ମାମଲାରେ ତଦନ୍ତ ନିର୍ଦ୍ଦେଶ ଦେବା ପୂର୍ବରୁ ସକ୍ଷମ କର୍ତ୍ତୃପକ୍ଷ (ରାଜ୍ୟପାଳ)ଙ୍କ ଠାରୁ ବୈଧ ପ୍ରସିକ୍ୟୁସନ୍ ସାଙ୍କସନ୍ ବା ମାମଲା ଚଳାଇବା ପାଇଁ ଅନୁମତି ଜରୁରୀ ବୋଲି କହିଥିଲେ । କିନ୍ତୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠୁ ଅନୁମତି ଆଣିବାରେ ଆବେଦନକାରୀ ବିଫଳ ହେବାରୁ ଏସଡିଜେଏମ୍ କୋର୍ଟ ଏହି ମାମଲାକୁ ଖାରଜ କରିଦେଇଥିଲେ। ଆଉ ତଳ କୋର୍ଟଙ୍କ ନିଷ୍ପତ୍ତିକୁ ଶ୍ରୀ ମହାନ୍ତି ଏବେ ବରିଷ୍ଠ ଓକିଲ ମନୋଜ ନାୟକଙ୍କ ମାଧ୍ୟମରେ ଜିଲ୍ଲା ସେସନ୍ କୋର୍ଟରେ ଆବଶ୍ୟକ ତଥ୍ୟ ପ୍ରମାଣ ସହ ରିଭିଜନ୍ ପିଟିସନ୍ ଦାଖଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନବୀନ ଓ ପାଣ୍ଡିଆନଙ୍କ ବିରୁଦ୍ଧରେ ମାମଲା ଚଳାଇବା ପାଇଁ ଅନୁମତି ଦେବା ନିମନ୍ତେ ଶ୍ରୀ ମହାନ୍ତି ୨୦୨୪ ସେପ୍ଟେମ୍ବର ୨୫ ତାରିଖରେ ରାଜ୍ୟପାଳଙ୍କ ନିକଟରେ ଆବେଦନ କରିଥିଲେ। ଆଉ ତାଙ୍କର ଆବେଦନକୁ ଆଧାର କରି ରାଜ୍ୟପାଳଙ୍କ ଅଫିସ୍ ପକ୍ଷରୁ ଆଇନ ବିଭାଗର ମତାମତ ଲୋଡ଼ାଯାଇଥିଲା। ଆଇନ ବିଭାଗ ଦୁଇ ଦୁଇ ଥର ଏହି ଅନୁମତି ନଦେବା ପାଇଁ ରାଜ୍ୟପାଳଙ୍କୁ ଆଇନଗତ ପରାମର୍ଶ ଦେଇଥିଲେ। ପ୍ରଥମେ ୨୦୨୪ ନଭେମ୍ବର ୨୨ ଓ ପରେ ନଭେମ୍ବର ୨୦୨୪ ତାରିଖରେ ଆଇନ ବିଭାଗ ନୋଟସିଟ୍ ପଠାଇ ଆବେଦନକାରୀ ପର୍ଯ୍ୟାପ୍ତ ପ୍ରମାଣ ଦେଇନଥିବାରୁ ନବୀନଙ୍କ ବିରୁଦ୍ଧରେ ପ୍ରସିକ୍ୟୁସନ୍ ସାଙ୍କସନ୍ କରିବା ଉଚିତ୍ ନୁହେଁ ବୋଲି ଦର୍ଶାଇଥିଲା। ଆଇନ ବିଭାଗର ଏହି ଗୁରୁତ୍ୱପୂର୍ଣ୍ଣ ମତ ସତ୍ତ୍ୱେ ଆବେଦନକାରୀ ଶ୍ରୀ ମହାନ୍ତି ପ୍ରାୟ ବର୍ଷକ ବ୍ୟବଧାନରେ ପୁଣିଥରେ ଜିଲ୍ଲା ଦୌରା ଜଜଙ୍କ କୋର୍ଟରେ ରିଭିଜନ ପିଟିସନ୍ ଦାଖଲ କରିଥିଲେ। ଯାହାକୁ କୋର୍ଟ ଗ୍ରହଣ କରିବା ସହ ୧୫ତାରିଖ ସୁଦ୍ଧା ଜବାବ ଦାଖଲ ପାଇଁ ନବୀନ ଓ ପାଣ୍ଡିଆନଙ୍କୁ ନୋଟିସ୍ ଜାରି କରିଛନ୍ତି।

## ନ୍ୟାୟ ପ୍ରକ୍ରିୟାରେ ଏଆଇ ବ୍ୟବହାରକୁ ନେଇ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୨।୭: ନ୍ୟାୟ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଅନିୟନ୍ତ୍ରିତ ବ୍ୟବହାରକୁ ନେଇ ସୁପ୍ରିମ୍‌କୋର୍ଟ ଗୁରୁତର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଅଦାଲତ କହିଛନ୍ତି ଯେ, ଏଆଇ ଦ୍ୱାରା ସୃଷ୍ଟ ମିଥ୍ୟା, ଅସ୍ତିତ୍ୱହୀନ କିମ୍ବା ‘ହାଲୁସିନେସନ୍’ ଆଧାରିତ ଆଇନଗତ ତଥ୍ୟକୁ ନ୍ୟାୟିକ ନିଷ୍ପତ୍ତିର ଆଧାର କରିବା ଅତ୍ୟନ୍ତ ବିପଜ୍ଜନକ। ଏଭଳି ପ୍ରବୃତ୍ତି ନ୍ୟାୟ ବ୍ୟବସ୍ଥାର ବିଶ୍ୱସନୀୟତା ଓ ନିଷ୍ପକ୍ଷତାକୁ ଗଭୀର ଭାବେ କ୍ଷତିଗ୍ରସ୍ତ କରିପାରେ।

ନ୍ୟାୟମୂର୍ତ୍ତି ପିଏସ୍ ନରସିଂହ ଓ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ମତ ପ୍ରକାଶ କରିବା ସହ ନ୍ୟାସନାଲ କମ୍ପାନି ଲ’ ଟ୍ରିବ୍ୟୁନାଲ୍ (ଏନ୍‌ସିଏଲ୍‌ଟି) ଓ ନ୍ୟାସନାଲ କମ୍ପାନି ଲ’ ଆପେଲେଟ୍ ଟ୍ରିବ୍ୟୁନାଲ୍ (ଏନ୍‌ସିଏଲ୍‌ଏଟି)ଙ୍କ ଏକ ରାୟକୁ ବାତିଲ କରିଛନ୍ତି। ଅଦାଲତଙ୍କ ନଜରକୁ ଆସିଥିଲା ଯେ, ଏସେଲ୍ ଇନ୍‌ଫ୍ରାପ୍ରୋଜେକ୍ଟସ୍‌ର ଦେବାଳିଆ ପ୍ରକ୍ରିୟା ସମ୍ପର୍କିତ ମାମଲାରେ ଏନ୍‌ସିଏଲ୍‌ଟି ଏଆଇ ଦ୍ୱାରା ସୃଷ୍ଟ କେତେକ ନକଲି ଓ ଅସ୍ତିତ୍ୱହୀନ ପୂର୍ବ ରାୟକୁ ଆଧାର କରି ନିଷ୍ପତ୍ତି ଦେଇଥିଲେ। ସୁପ୍ରିମ୍‌କୋର୍ଟ କହିଛନ୍ତି, ଏପରି ତଥ୍ୟ ଉପରେ ଭରସା କରି ଦିଆଯାଇଥିବା ରାୟ ନ୍ୟାୟ ପ୍ରକ୍ରିୟାର ସ୍ୱଚ୍ଛତା ଓ ଅଖଣ୍ଡତାକୁ କ୍ଷୁଣ୍ଣ କରେ।

ଖଣ୍ଡପୀଠ ଏଆଇ ଦ୍ୱାରା ସୃଷ୍ଟ ଭୁଲ ତଥ୍ୟକୁ



ଆଇନ କ୍ଷେତ୍ରରେ ‘ଅଦୃଶ୍ୟ, କୁଟିଳ ଓ ବିଧ୍ୱଂସକାରୀ’ ବୋଲି ବର୍ଣ୍ଣନା କରିଛନ୍ତି। ଅଦାଲତ କହିଛନ୍ତି, ଏହାର ପ୍ରଭାବ ଆରମ୍ଭରେ ଧରାପଡ଼ିନପାରେ, କିନ୍ତୁ ପରେ ଏହା ନ୍ୟାୟ ବ୍ୟବସ୍ଥାର ମୂଳ ଭିତ୍ତିକୁ ଦୁର୍ବଳ କରିପାରେ। ଏଆଇ ଆଧୁନିକ କାର୍ଯ୍ୟପ୍ରଣାଳୀକୁ ଦ୍ରୁତ ଓ ସହଜ କରିପାରେ, କିନ୍ତୁ ଏହା ମଣିଷର ଚିନ୍ତା, ବିଚାରଶକ୍ତି ଓ ନିଷ୍ପତ୍ତି ନେବାର କ୍ଷମତାର ବିକଳ୍ପ ହୋଇପାରିବ ନାହିଁ।

ସୁପ୍ରିମ୍‌କୋର୍ଟ କହିଛନ୍ତି, ଅଦାଲତରେ ଏଆଇକୁ କେବଳ ସହାୟକ ଉପକରଣ ଭାବେ ବ୍ୟବହାର କରାଯାଇପାରିବ। କିନ୍ତୁ ନ୍ୟାୟିକ ବିଚାର, ଆଇନର ବ୍ୟାଖ୍ୟା ଓ ଅନ୍ତିମ ନିଷ୍ପତ୍ତି ଉପରେ ମଣିଷର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବା ଅନିବାର୍ଯ୍ୟ। ବିଚାରପତି ଓ ଆଇନଜୀବୀମାନେ ଏଆଇରୁ ମିଳୁଥିବା ସମସ୍ତ ତଥ୍ୟକୁ ସ୍ୱାଧୀନ ଭାବେ ଯାଞ୍ଚ କରିବା ପରେ ବ୍ୟବହାର କରିବା ଉଚିତ। ନକଲି କିମ୍ବା ଯାଞ୍ଚ ହୋଇ ନ ଥିବା ଏଆଇ-ସୃଷ୍ଟ ରାୟକୁ ଅଦାଲତରେ ଦାଖଲ କିମ୍ବା ଉଦ୍ଧୃତ କରିବା ପ୍ରତି ‘ଶୂନ୍ୟ ସହନଶୀଳତା’ ନୀତି ଗ୍ରହଣ କରିବାକୁ ଅଦାଲତ ମତ ଦେଇଛନ୍ତି। ଏହା ସହ ଏଆଇର ବ୍ୟବହାର ସମ୍ପର୍କରେ ବିସ୍ତୃତ ନୀତି ପ୍ରସ୍ତୁତ କରିବା ଓ ଏ ବିଷୟରେ ସୁପାରିସ ଦେବା ପାଇଁ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆକୁ ଏକ ବିଶେଷ କମିଟି ଗଠନ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ମୋବାଇଲ ଛଡ଼ାଇ ନେବାରୁ
## ବିଷ ପିଇ ନାବାଳିକାର ଆତ୍ମହତ୍ୟା

ଉଦଳା,୨।୭: ମୋବାଇଲ ଛଡ଼ାଇ ନେଇ ଭାଙ୍ଗି ଦେଲେ ବୋଲି ବିଷ ପିଇ ଦେଲା ନାବାଳିକା। ଏଭଳି ଘଟଣା ଏକ ଅଭବାନୀୟ ଘଟଣା ଘଟିଛି କପ୍ତିପଦା ଥାନା ଗଗପାଳ ଗ୍ରାମରେ। ତେବେ ଘଟଣାରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ଗ୍ରାମର ଦୁର୍ଗା ନାଏକଙ୍କ ୧୫ ବର୍ଷର ଝିଅ ସକାଳେ ଘରେ ବସି ମୋବାଇଲ ଦେଖୁଥିଲେ। ଏହି ସମୟରେ ତାଙ୍କ ମାଆ ଏବଂ ମାମୁ ଆସି ମୋବାଇଲ ଦେଖିବାକୁ ବାରଣ କରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। କିନ୍ତୁ ଏହାକୁ ବିରୋଧ କରିଥିଲା ଝିଅ। ହେଲେ ମୋବାଇ ଛଡ଼ାଇ ନେଇ ପରିବାର ଲୋକେ ଭାଙ୍ଗି ଦେଇଥିବା ବେଳେ ଏଥିରେ ରାଗି ବିଷ ପିଇ ଦେବ ବୋଲି କହିଥିଲା ନାବାଳିକା। ଆଉ ସତକୁ ସତ ଘର ଭିତରକୁ ପଶି କବାଟ ବନ୍ଦ କରି କୀଟନାଶକ ପିଇ ଦେଇଥିଲେ। ଏଥିରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ପରେ ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ଉଦଳା ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବା ବେଳେ କିଛି ସମୟ ପରେ ତାଙ୍କ ର ମୃତ୍ୟୁ ହୋଇଥିଲା। ତେବେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଓଡ଼ିଶାରେ ଫେଲ୍ ମାରୁଛି ପିଡିଏସ୍ ସଂସ୍କାର

ଭୁବନେଶ୍ୱର, ୨।୭: ରାଜ୍ୟରେ କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନଏଫଏସଏ) ଲାଗୁ ହେବାର ୧୧ବର୍ଷ ବିତିଲାଣି। ଆଉ ଏହି ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ)ର ସୁପରିଚାଳନା ପାଇଁ ରାଜ୍ୟ ସରକାର ୨୦୧୬ ମାର୍ଚ୍ଚ ମାସରୁ ‘ଓଡ଼ିଶା ପିଡିଏସ୍ କଂଟ୍ରୋଲ ଅର୍ଡର-୨୦୧୬’କୁ ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଏହି ଆଦେଶର ୧୦ବର୍ଷ ପରେ ବି ପିଡିଏସ୍ ବ୍ୟବସ୍ଥାରୁ ଘରୋଇ ଡିଲରମାନଙ୍କୁ ହଟାଇବା ସେମାନଙ୍କ ସ୍ଥାନରେ ‘ଆନୁଷ୍ଠାନିକ ଡିଲରମାନଙ୍କୁ’ ନିଯୁକ୍ତି ଦେବାରେ ରାଜ୍ୟ ସରକାର ସକ୍ଷମ ହୋଇପାରିନାହାନ୍ତି। ବିଜେଡି ସରକାରଙ୍କ ଭଳି ରାଜ୍ୟର ବିଜେପି ସରକାର ମଧ୍ୟ ଅନୁରୂପ ଭାବେ ଏହି ଆଦେଶକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ କ୍ୟାବିନେଟ୍ ଅନୁମୋଦନ ମାଧ୍ୟମରେ ଅବଧିକୁ ବୃଦ୍ଧି କରି ଚାଲିଛନ୍ତି। ପଡ଼ୋଶୀ ଛତିଶଗଡ଼ ସରକାର ପିଡିଏସ୍ ବ୍ୟବସ୍ଥାରେ ‘ଘରୋଇ ଡିଲରମାନଙ୍କୁ’ ସମ୍ପୂର୍ଣ୍ଣ ଉଚ୍ଛେଦ କରି ସମଗ୍ର ଦେଶରେ ମଡେଲ୍ ରାଜ୍ୟ ପାଲଟିଥିବାବେଳେ ଓଡ଼ିଶା ସରକାର ପ୍ରଶାସନିକ ଜଟିଳତା ଓ ସାଧାରଣ ବଂଟନ ବ୍ୟବସ୍ଥାରେ ଅବ୍ୟବସ୍ଥାର ଆଳ ଦେଖାଇ ରାଜ୍ୟରେ ଆନୁଷ୍ଠାନିକ ଡିଲର ନିଯୁକ୍ତି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି। ଆଉ କ୍ୟାବିନେଟ୍ ମାଧ୍ୟମରେ ଆଜି ପୁଣିଥରେ ଏହି ଅବଧିକୁ ୨୦୨୬ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ପିଡିଏସ୍ ବ୍ୟବସ୍ଥାରେ ଘରୋଇ ଡିଲରମାନଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲରମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ଆସନ୍ତା ୨୦୨୬ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ପୁନଃବର୍ଦ୍ଧିତ କରାଯିବାର ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ସରକାର ଏହି ଅବଧି ବୃଦ୍ଧି କରିବା ସମ୍ପର୍କରେ ସଫେଇ ଦେଇ କହିଛନ୍ତି ଯେ, ଯେହେତୁ ଘରୋଇ ଡିଲରମାନଙ୍କ ବଦଳରେ ଆନୁଷ୍ଠାନିକ ଡିଲରଙ୍କୁ ଅଗ୍ରାଧିକାର ଭିତ୍ତିରେ ନିୟୋଜିତ କରିବାର ଅବଧି ୨୦୨୬ ମାର୍ଚ୍ଚ ୩୧ତାରିଖରେ ସମାପ୍ତ ହୋଇସାରିଛି, ଆଉ ଏକକାଳୀନ ସମସ୍ତ ଘରୋଇ ଡିଲରମାନଙ୍କୁ ଉଚ୍ଛେଦ କରିବାରେ ପ୍ରଶାସନିକ ଜଟିଳତା ଓ ସାଧାରଣ ବଂଟନରେ ଅବ୍ୟବସ୍ଥାର ଆଶଙ୍କା ରହିଛି, ତେଣୁ ଏହି ଅବଧିକୁ ପୁଣିଥରେ ୬ମାସ ବୃଦ୍ଧି କରାଯାଇଛି।ରାଜ୍ୟରେ ଦୀର୍ଘ ୧୦ବର୍ଷରୁ ଅଧିକ ସମୟ ଧରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଉଥିବାବେଳେ ଘରୋଇ ଡିଲର ବ୍ୟବସ୍ଥାକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ ନିମନ୍ତେ ‘ଓଡ଼ିଶା ପିଡିଏସ୍ ବ୍ୟବସ୍ଥା(କଂଟ୍ରୋଲ) ଅର୍ଡର-୨୦୧୬ ରେ ପ୍ରାବଧାନ ରହିଛି। ଏହି ଅର୍ଡରର କ୍ଲଜ୍-୪(୬)ର ପ୍ରାବଧାନ ଅନୁସାରେ ରାଜ୍ୟରୁ ଘରୋଇ ଡିଲରମାନଙ୍କୁ ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣ ଉଚ୍ଛେଦ କରି ସେମାନଙ୍କ ସ୍ଥାନରେ ପଂଚାୟତ, ମହିଳା ଏସଏଚଜି, ସେବା ସମବାୟ ସମିତି ଓ ଅନ୍ୟାନ୍ୟ ସରକାରୀ କମ୍ୟୁନିଟି ଅନୁଷ୍ଠାନଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଡିଲରସିପ୍ ଦାୟିତ୍ୱ ହସ୍ତାନ୍ତର କରିବାର ସ୍ପଷ୍ଟ ନିୟମ ରହିଛି।

ମାତ୍ର ପୂର୍ବ ବିଜେଡି ସରକାର ନିଜର ଭୋଟବ୍ୟାଙ୍କକୁ ସୁରକ୍ଷିତ ରଖିବା ପାଇଁ ଘରୋଇ ଡିଲରମାନଙ୍କୁ ଉଚ୍ଛେଦ ପ୍ରକ୍ରିୟାକୁ ପୂରଣ କରିବା ବଦଳରେ ସେମାନଙ୍କର ଅବଧିକୁ ବାରମ୍ବାର ବଢ଼ାଇ ଚାଲିଥିଲେ। ଏବେ ବିଜେପି ସରକାର ବିଗତ ଦୁଇବର୍ଷ ମଧ୍ୟ ଅନୁରୂପ ଢଙ୍ଗରେ ଏହି ଅବଧିକୁ ତୃତୀୟ ଥର ପାଇଁ ବୃଦ୍ଧି କରିଛନ୍ତି। ଅନ୍ୟପକ୍ଷରେ ପିଡିଏସ୍ ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ଆଣି ପଡ଼ୋଶୀ ଛତିଶଗଡ଼ ସମଗ୍ର ଦେଶ ପାଇଁ ଏକ ମଡେଲ ପାଲଟିଛି।

ଛତିଶଗଡ଼ ସରକାର ନିଜର ଖାଦ୍ୟ ସୁରକ୍ଷା ଅଭିଯାନ ଅଧୀନରେ ସମସ୍ତ ପ୍ରକାରର ଘରୋଇ ଡିଲରମାନଙ୍କୁ ଉଚ୍ଛେଦ କରି ଆନୁଷ୍ଠାନିକ ଡିଲରମାନଙ୍କୁ ନିଯୁକ୍ତି ଦେଇସାରିଛନ୍ତି। କିନ୍ତୁ ଓଡ଼ିଶା ସରକାର ନିଜର ବିଫଳତା ଲୁଚାଇବା ପାଇଁ ଓ ଘରୋଇ ଡିଲରମାନଙ୍କୁ ସୁରକ୍ଷା ଦେବା ପାଇଁ ବାରମ୍ବାର ଏହି ଅବଧିକୁ ବଢ଼ାଇ ଚାଲିଛନ୍ତି। ଏବେ ପ୍ରଶ୍ନ ଉଠୁଛି, ୨୦୧୬ ମସିହାରୁ ରାଜ୍ୟରେ ଯେଉଁ ନିୟମ ଲାଗୁ ହୋଇଛି, ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଓଡ଼ିଶା ସରକାର କାହିଁକି ଛତିଶଗଡ଼ ଭଳି ଏକ ସୁଦୃଢ଼ ଓ ବିକଳ୍ପ ପ୍ରଶାସନିକ ଭିତ୍ତିଭୂମି ପ୍ରସ୍ତୁତ କରିପାରିଲେ ନାହିଁ ଯଦି ଓଡ଼ିଶାରେ ୭ ହଜାର (ପିଡିଏସ୍ ଦୋକାନ)ରେ ଗ୍ରାମପଂଚାୟତ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ରାଜ୍ୟରେ ପିଡିଏସ୍ ବ୍ୟବସ୍ଥାକୁ ସଫଳତାର ସହ ପରିଚାଳନା କରିପାରୁଛନ୍ତି ତା’ହେଲେ ବାକି ୫ହଜାର ପିଡିଏସ୍ ଦୋକାନକୁ ସେମାନଙ୍କୁ ହସ୍ତାନ୍ତର କରିବାରେ ପ୍ରଶାସନକୁ କେଉଁ ଅଦୃଶ୍ୟ ଶକ୍ତି ବାଧା ଦେଉଛି ଘରୋଇ ଡିଲରମାନଙ୍କ ଏହି ବାରମ୍ବାର ଅବଧି ବୃଦ୍ଧି ପଛରେ ସୁଚିନ୍ତିତ ମେଂଟ ଓ ଲବି କାର୍ଯ୍ୟ କରୁଥିବା ଚର୍ଚ୍ଚା ହେଉଛି। ପ୍ରଭାବଶାଳୀ ଘରୋଇ ଡିଲର ସଂଘର ଚାପ ଓ ସ୍ଥାନୀୟସ୍ତରରେ ରାଜନୈତିକ ପ୍ରଭାବ ଯୋଗୁ ସରକାର ଏହି ବେଆଇନ ବ୍ୟବସ୍ଥାକୁ ଜାଣିଶୁଣି ଜୀବିତ ରଖିଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଏହି ସାଧାରଣ ବଂଟନ ବ୍ୟବସ୍ଥାରେ ସମସ୍ତ କାର୍ଯ୍ୟ ୧୨୩୪୯ଗୋଟି ସୁଲଭ ମୂଲ୍ୟ ଦୋକାନ(ପିଡିଏସ ଦୋକାନ)ମାନଙ୍କ ମାଧ୍ୟମରେ ସମ୍ପାଦିତ ହେଉଛି। ଏଥିରୁ ଘରୋଇ ଡିଲରଙ୍କ ସଂଖ୍ୟା ୫୪୭୨ ରହିଛି। ଆନୁଷ୍ଠାନିକ ଖାଉଟି ଡିଲର କେନ୍ଦ୍ର ଯଥା ୪୦୫୬ଟି ପଂଚାୟତ ଦ୍ୱାରା, ୨୩୪୮ଟି ମହିଳା ଏସଏଚଜି, ୧୭୯ଟି ଏସଏଚଜି , ୨୭୫ଟି ସେବା ସମବାୟ ସମିତି ଓ ୧୯ଟି ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି।

# ଶ୍ରୀଅଲାରନାଥଙ୍କ ପୁନଃ ପ୍ରଚଳନ ହେଲା ବଡ ସିଂହାର ବେଶ
## ଖୁସି ବ୍ୟକ୍ତ କଲେ ସେବାୟତ ଓ ଶ୍ରଦ୍ଧାଳୁ

ବ୍ରହ୍ମଗିରି / ପୁରୀ ୨/୭ (ଆନିସ): ଆନନ୍ଦରେ ଅଶ୍ରୁ ଝରାଇଲେ ଶ୍ରଦ୍ଧାଳୁ, ଭକ୍ତ।ଖୁସି ବ୍ୟକ୍ତ କଲେ ସେବାୟତ।ଅନେକ ବର୍ଷ ଧରି ମହାପ୍ରଭୁ ଶ୍ରୀ ଅଲାରନାଥ ଙ୍କ ବନ୍ଦ ଥିବା ବଡସିଂହାର ବେଶ ର ହୋଇଛି ପୁନଃ ପ୍ରଚଳନ।ଅନବସରର ଦ୍ୱିତୀୟ ଦିନରେ ବ୍ରହ୍ମଗିରି ର ଶ୍ରୀଅଲାରନାଥ ପୀଠ ରେ ମହାପ୍ରଭୁ ଶ୍ରୀ ଅଲାରନାଥଙ୍କ ବଡ ସିଂହାର ବେଶ ଅନୁଷ୍ଠିତ ହୋଇଥିଲା।

ବହୁ ଦିନର ବ୍ୟବଧାନ ପରେ ଏହି ମନୋରମ, ଅପୂର୍ବ, ମନୋମୁଗ୍ଧକର ବେଶକୁ ଦେଖି ଭକ୍ତ, ଶ୍ରଦ୍ଧାଳୁ ମାନେ ବିମୋହିତ ହୋଇ ପଡିଥିଲେ।ଖୁସି ରେ ବହି ଯାଉଥିଲା ଆନନ୍ଦାଶ୍ରୁ।ଚଳିତ ବର୍ଷ ର ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ସେବାୟତ ଓ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ମାନେ ବଡସିଂହାର ବେଶ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ପରେ ଶ୍ରୀମନ୍ଦିର ସେବାୟତ ଙ୍କ ପରାମର୍ଶ ଅନୁସାରେ ଏହାର ପୁନଃ ପ୍ରଚଳନ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଲାଗି ଜିଲ୍ଲାପାଳ ଶ୍ରୀ ପରିଡା। ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଓ ବ୍ରହ୍ମଗିରି ତହସିଲଦାର ଦେବାଶିଷ ସେଠୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଉପ ଜିଲ୍ଲାପାଳ ଓ ତହସିଲଦାର ଶ୍ରୀ ଅଲାରନାଥ ମହାପ୍ରଭୁଙ୍କ ସେବାୟତ ମଣ୍ଡଳୀ ସହ ଆଲୋଚନା ବୈଠକ ପରେ ଏହାକୁ ଗତକାଲି ଠାରୁ କାର୍ଯ୍ୟକାରୀ କରାଯାଇଛି।ସେହିପରି ପୂର୍ବ ନିଷ୍ପତ୍ତି ଅନୁସାରେ ଶ୍ରୀ ଅଲାରନାଥ ଙ୍କ କୋଠ ଭୋଗ ଭିତରେ ଭୋଗ ଲାଗିବାର ବ୍ୟବସ୍ଥା କରାଯାଇଥିବା ବେଳେ ଜଜମାନୀ ଭୋଗ ବାହାରେ ହୋଇଥିଲା।

ଜିଲ୍ଲାପାଳ ଙ୍କ ସହ ସେବାୟତ ମାନଙ୍କର ଆଲୋଚନା ମାଧ୍ୟମରେ ହୋଇଥିବା ଏହି ନିଷ୍ପତ୍ତି ଯୋଗୁଁ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ପାଇଁ ଅଧିକ ସୁବିଧା ହୋଇଥିଲା।ଏଥିପାଇଁ ଶ୍ରଦ୍ଧାଳୁ ମାନେ ଆନନ୍ଦ ପ୍ରକାଶ କରିବା ସହ ପ୍ରଶାସନ କୁ ଧନ୍ୟବାଦ ଜଣାଇଛନ୍ତି।

# ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ଜାତୀୟ ଡାକ୍ତର ଦିବସ

ଫୁଲବାଣୀ, ୨/୦୭(ଆନିସ) ବୁଧବାର ଫୁଲବାଣୀ ରୋଟାରୀ କ୍ଲବ ରୋଟାରୀ ସେବା ଟ୍ରଷ୍ଟ ପରିସରରେ ନେସନାଲ ଡକ୍ଟରସ ଡେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ପାଳିତ ହୋଇଥିଲା ରୋଟାରୀ କ୍ଲବ୍ ସଭପତି ବିଜୟ କୃଷ୍ଣ ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ରୋଟାରୀ କ୍ଲବ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଡାକ୍ତର ଯତୀନ୍ଦ୍ର ନାଥ ପାଢ଼ୀ ଓ ଡାକ୍ତର ସ୍ନେହଲତା ମିଶ୍ର ଯୋଗ ଦେଇ ମା ଓ ଶିଶୁ ର ଯତ୍ନ ନେଲେ ଏକ ସୁନ୍ଦର ଓ ନିରୋଗ ଶିଶୁ ଜନ୍ମ ନେବ ଓ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ ରୋଟାରି କ୍ଲବ ର ପୂର୍ବତନ ସଭପତି ପଦ୍ମ ଚରଣ ସ୍ୱାଇଁ ରୋଟାରୀ କ୍ଲବ ପକ୍ଷରୁ ହାତକୁ ନିଆଯାଉଥିବା କାର୍ଯ୍ୟ ର ପ୍ରଶଂସା କରିବା ସହ ଚଳିତ ବର୍ଷ ଅଧିକ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ପରାମର୍ଶ ଦେଇଥିଲେ ଏହି ଅବସରରେ ଡାକ୍ତର ଯତୀନ୍ଦ୍ର ନାଥ ପାଢ଼ୀ,ଡାକ୍ତର ସ୍ନେହଲତା ମିଶ୍ର, ଓ ଡାକ୍ତର ଶ୍ୱେତ ସାହୁ ଙ୍କୁ ଉପଢ଼ୌକନ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା ସେହି ପରି ମୁଖ୍ୟ ଅତିଥି କୁଶଳ ଚନ୍ଦ୍ର ନାୟକ ଙ୍କୁ ବରିଷ୍ଠ ଚାର୍ଟର ସଦସ୍ୟ ରବୀ ନାରାୟଣ ସୁବୁଦ୍ଧି ଉପଢ଼ୌକନ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରିଥିଲେ ରୋଟାରୀ କ୍ଲବ୍ ପୁର୍ବତନ ସଭପତି ତଥା ଆଇନଜୀବି ହରୀ ଶ୍ଚନ୍ଦ୍ର ମହାରଣା ଧନ୍ୟ ବାଦ ଦେଇଥିଲେ । ଏହି ଅବସରରେ ପବ୍ଲିକ ସ୍କୁଲ ପରିସରରେ ଥିବା ଜି ଏନ୍ ଏମ ଛାତ୍ରୀ ଙ୍କ ସମେତ ରୋଟା ରିଆନ କେ ଜ୍ଞାନ ଦୋରା, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ବିରଜା ନାହାକ, ପ୍ରକାଶ ପଣ୍ଡା, କୁନ୍ଦନ ସିଂହ, ମନୋ ରଞ୍ଜନ ପଟନାୟକ, ଡି ଅରୁଣା, ଉର୍ମିଳା ପଣ୍ଡା, ବରିଷ୍ଠ ସାମ୍ବାଦିକ ନାରାୟଣ ସାହୁ, ସୋନ୍ତଶ ଦିଗାଲ, ଆଦିତ୍ୟ ମହାପାତ୍ର, ରମେଶ ପ୍ରଧାନ, ଶିବ ବିଶ୍ୱାଳ, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।




# ଏସଆଇଆର ପ୍ରକ୍ରିୟାର ସମୀକ୍ଷା କଲେ ଜିଲ୍ଲାପାଳ
## ଜୁଲାଇ ୫ ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

ଯାଜପୁର, ୦୨/୦୭(ଆନିସ): ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ବୁଧବାର ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର ୨୦୨୬ ର ପରିଗଣନା ପର୍ଯ୍ୟାୟର ସଫଳ ସମାପନ, ତଥ୍ୟର ଡିଜିଟାଇଜେସନ୍‌ର ଅଗ୍ରଗତି, ଚିଠା ଭୋଟର ତାଲିକା ପ୍ରକାଶ ପାଇଁ ଚାଲିଥିବା ପ୍ରସ୍ତୁତି ଏବଂ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏସଆଇଆର କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଥିଲା। ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଭୋଟରମାନେ ନିଜ ନାମ ସମ୍ପର୍କିତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହାପରେ ପ୍ରାପ୍ତ ଦାବି ଓ ଆପତ୍ତିଗୁଡ଼ିକର ଯାଞ୍ଚ ଏବଂ ସମାଧାନ ପ୍ରକ୍ରିୟା ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ସମ୍ପନ୍ନ କରାଯିବ ଏବଂ ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ଏହି ଅବସରରେ ଜିଲ୍ଲାପାଳ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଙ୍କୁ ଚିଠା ଭୋଟର ତାଲିକାର ଯାଞ୍ଚ ଏବଂ ଦାବି-ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ ନପଡ଼ନ୍ତି ଏବଂ ଭୋଟର ତାଲିକା ସଠିକ୍, ସମାବେଶୀ ଓ ତ୍ରୁଟିମୁକ୍ତ ରହେ, ସେଥିପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ,

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଅଶୋକ କୁମାର ଦେହୁରୀ, ଡେପୁଟି କଲେକ୍ଟର, ନିର୍ବାଚନ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ଏସଆଇଆର୍ ୨୦୨୬ ର ସଫଳ କାର୍ଯ୍ୟକାରିତା, ସମନ୍ୱୟ ଏବଂ ଆଗାମୀ କାର୍ଯ୍ୟସୂଚୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।



# ଗାୟତ୍ରୀ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ

ଓଡ଼ଗାଁ ୦୨/୦୭ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ମଶାବାରୀ



ଗାୟତ୍ରୀ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସାର୍ଥକ ଷଡ଼ଙ୍ଗୀ ପତ୍ନୀ ବିଷ୍ଣୁପ୍ରିୟା ଷଡ଼ଙ୍ଗୀ ଦମ୍ପତି କର୍ତ୍ତା ଭାବେ ଯୋଗଦେଇ ଦାୟିତ୍ୱ ସମ୍ପାଦନ କରିଥିଲେ।ବିଶ୍ବର ସମସ୍ତ ବିଦ୍ୟାର୍ଥୀଙ୍କ କଲ୍ୟାଣ ପାଇଁ ଗାୟତ୍ରୀ ବିଦ୍ୟାମନ୍ଦିରର ୨ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକ ଏବଂ ଅତିଥି ସମୂହ ସାମୁହିକ ଭାବରେ ଯଜ୍ଞାହୂତି ପ୍ରଦାନ ପୂର୍ବକ ଯଜ୍ଞ ଭଗବାନଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ।ଓଡ଼ଗାଁ ଗାୟତ୍ରୀ ପ୍ରଜ୍ଞା ପୀଠର ଭଗବାନ ମନ୍ତ୍ରୀ ଏବଂ ପ୍ରତାପ ଦାସ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିବା ବେଳେ ନାରାୟଣ ସାହୁ ନୃସିଂହ ଚରଣ ସାହୁ, ସନ୍ଧ୍ୟାରାଣୀ ମାଝି, ଜୟନ୍ତୀ ସାହୁ ସନ୍ତୋଷ ଭଞ୍ଜ ଏବଂ ନାରାୟଣ ଯେନା ସହଯୋଗ କରିଥିଲେ।ଶେଷରେ ବାଳ ନାରାୟଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ବିଦ୍ୟାଳୟ ଅଧ୍ୟକ୍ଷ ବିରେନ୍ଦ୍ର ସାହୁ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସଦର ଥାନା ପୋଲିସ ପକ୍ଷରୁ ନିଶା ମୁକ୍ତ ଅଭିଯାନ

ସୁନ୍ଦରଗଡ଼, ୨।୭ (ଆନିସ): ଜୁଲାଇ ୧ ତାରିଖ ରାଜ୍ୟ ବ୍ୟାପି ନିଶାମୁକ୍ତ ଓଡ଼ିଶାର ଅଭିଯାନ ଆରମ୍ଭ ହୋଇଛି। ଗୃହ ବିଭାଗ ବା ହୋମ



ମିନିଷ୍ଟ୍ରିର ନିର୍ଦ୍ଦେଶରେ ଆରମ୍ଭ ହୋଇଛି ଏହି ଅଭିଯାନ। ଆଜି ରାଜ୍ୟର ସମସ୍ତ ଥାନା ପରିସରରେ ପୋଲିସ ବିଭାଗ ତରଫରୁ ଆରମ୍ଭ ହୋଇଛି ଏହି ଅଭିଯାନ। ବୁଢ଼ାଙ୍କୁ ବୁଝାଇ ବିଫଳ ହେବା ପରେ ଏବେ ସରକାର ଦେଶର ଭବିଷ୍ୟତ ବା ଛାତ୍ର ଛାତ୍ରୀଙ୍କୁ ଏହାର କୁପରିଣତି, କୁପ୍ରଭାବ ସମ୍ପର୍କରେ ସଚେତନ କରିଛନ୍ତି। ନିଜକୁ, ନିଜ ସମାଜ ଓ ପରିବେଶକୁ ନିଶା ମୁକ୍ତ ତଥା ଓଡ଼ିଶା ରାଜ୍ୟକୁ ସଂପୂର୍ଣ୍ଣ ନିଶା ମୁକ୍ତ କରିବା ନେଇ ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଶପଥ ଗ୍ରହଣ କରିଛନ୍ତି। ତେବେ ସଦର ଥାନା ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମ ଦୀର୍ଘ ଦୁଇ ଘଣ୍ଟା ଧରି ଚାଲିଥିଲା। ଛାତ୍ର ଛାତ୍ରୀଙ୍କ ଯୋଗଦାନ ଓ ଶପଥ ଗ୍ରହଣ ଏହି ଅଭିଯାନକୁ ସଫଳ କରିଛି ।

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବସର ସମ୍ବର୍ଦ୍ଧନା

ପୁରୀ, ୨।୭(ଆନିସ): ଆଜି ଅତିରିକ୍ତ ଜିଲ୍ଲାପାଳ ରାଜସ୍ବ ଡ ଶରତ ଚନ୍ଦ୍ର ମହାପାତ୍ର ଙ୍କ ସରକାରୀ କାର୍ଯ୍ୟ ରୁ ସେବା ନିବୃତ୍ତ ଅବସରରେ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ଡ ମହାପାତ୍ର ଜଣେ ଦକ୍ଷ, ନିଷ୍ଠାପର ଓ ମିଷ୍ଟଭାଷୀ ଅଧିକାରୀ ଥିଲେ ବୋଲି କହିଥିଲେ।ରାଜସ୍ବ ପରି ଏକ ଗୁରୁତ୍ୱ ପୂର୍ଣ୍ଣ ବିଭାଗ କୁ ସେ ସୁଚାରୁ ରୁପେ ନିର୍ବାହ କରିଥିଲେ।ଜିଲ୍ଲା ପ୍ରଶାସନ ର ବିଭିନ୍ନ କାର୍ଯ୍ୟ ରେ ତାଙ୍କର ଅବଦାନ ସ୍ମରଣୀୟ ବୋଲି କହିବା ସହ ଅବସର ପରବର୍ତ୍ତୀ ଜୀବନ ମହାପ୍ରଭୁଙ୍କ ଆଶୀର୍ବାଦ ରୁ ସୁସ୍ଥ, ନୀରୋଗ ଓ ଆନନ୍ଦ ଦାୟକ ହେଉ ବୋଲି କାମନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଡ ମହାପାତ୍ର ଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଅବସର ପରବର୍ତ୍ତୀ ଜୀବନ ସୁଖରେ ଅତିବାହିତ ହେଉ ବୋଲି କାମନା କରିଥିଲେ।ନିଜ ପ୍ରତିକ୍ରିୟା ରେ ଅତିରିକ୍ତ ଜିଲ୍ଲାପାଳ ଡ ମହାପାତ୍ର ନିଜ ଦାୟିତ୍ୱ କୁ ସଠିକ ଭାବେ ନିର୍ବାହ ରେ ସମସ୍ତ ଙ୍କ ସହଯୋଗ ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ।ଏଥିରେ ଡେପୁଟି କଲେକ୍ଟର ବୃନ୍ଦ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଅବସର କାଳୀନ ସମ୍ବର୍ଦ୍ଧନା ସଭା

ପଟ୍ଟାମୁଣ୍ଡାଇ, ୨।୭ (ଆନିସ): ସ୍ଥାନୀୟ ମହାଦେଇ ପାଟଣା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ସାହୁ ସରକାରୀ ଚାକିରୀରୁ ଅବସରଗ୍ରହଣ କରିଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ସ୍କୁଲ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଏହି ଉପଲକ୍ଷେ ପ୍ରାକ୍ତନ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ନାୟକଙ୍କ ପୌରହିତ୍ୟ ଓ ଶିକ୍ଷକ ସମୀର କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭା ରେ ଆଳି ବ୍ଲକ ପ୍ରାକ୍ତନ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡା ମୁଖ୍ୟଅତିଥି, କଷଣଅଣ୍ଟା ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚ୍ଚିତ୍ର କୁମାର ବେହୁରା ମୁଖ୍ୟ ବକ୍ତା,ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ଦାଶ,କବି ନୃସିଂହ ଚରଣ ରାଉତ ଶିକ୍ଷାବିତସୁରେଶ ଚନ୍ଦ୍ର ଜେନା ମନୋରଞ୍ଜନ ସ୍ୱାଇଁ ଅଶୋକ କୁମାର ମହାପାତ୍ର ସ୍କୁଲ ପରିଚାଳନା କମିଟି ସଭାପତି ପଙ୍କଜ କୁମାର ପାଣ୍ଡବ ସମ୍ମାନିତଅତିଥି ଭାବେ ଯୋଗ ଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ କର୍ମମୟ ଜୀବନ ମହାଦେଇପାଟଣା ସ୍କୁଲ ବିକାଶ କ୍ଷେତ୍ରରେ ଦୀର୍ଘ ୩୪ବର୍ଷର ସାଧନା ଓ ସଂଘର୍ଷ ଉପରେ ଆଲୋକପାତ କରିବା ସହିତ ମାନପତ୍ର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଶେଷରେ କୂଳମଣି ସାହୁ ଧନ୍ୟବାଦ ଦେଇଥିଲେ ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ପରିଡା, ମନୋଜ କୁମାର ସାହୁଙ୍କ ସମେତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ପରିଚାଳନା କରିଥିଲେ

# ପୋଷଣ ଅଭିଯାନ ଓଜନ ଉତ୍ସବ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୨।୭ (ଆନିସ): ଆଜି ପୂର୍ବାହ୍ନରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ପୋଷଣ ଅଭିଯାନ, ଓଜନ ଉତ୍ସବ-୨୦୨୬-୨୭ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ ବୈଠକରେ ସଂଯୋଜନା କରିଥିଲେ ଏଥି ସହ ଶ୍ରୀମତୀ ପ୍ରହରାଜ ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି ସୁପରଭାଇଜର, ଶିଶୁ କଲ୍ୟାଣ ପ୍ରକଳ୍ପ ଅଧିକାରୀ ମାନଙ୍କ ସହ ଚଳିତ ଜୁଲାଇ ୧ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ୦ ରୁ ୦୬ ବର୍ଷର ଶିଶୁ ମାନଙ୍କ ଓଜନ ଉତ୍ସବର ବିସ୍ତୃତ କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ ଓଜନ ଉତ୍ସବ ଚଳିତ ଜୁଲାଇ ମାସ ୧ ରୁ ୨୫ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ବିଭିନ୍ନ ସହଯୋଗୀ ବିଭାଗର ସହଭାଗିତାରେ ଆୟୋଜନ କରାଯିବ ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପିତାମାତା, ଶିଶୁର ଯତ୍ନ ନେଉଥିବା ବ୍ୟକ୍ତି ବିଶେଷ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ନିଜ ଶିଶୁର ଓଜନ ଏବଂ ଉଚ୍ଚତା ମାପ କରାଇବେ ଉତ୍ସବରେ ଶିଶୁର ପୋଷଣ ସ୍ଥିତି ଚିହ୍ନଟ ହେବା ପରେ ଆବଶ୍ୟକ ଚିକିତ୍ସା କିମ୍ବା ଗୋଷ୍ଠୀ ସ୍ତରରେ ଯତ୍ନ ଅଙ୍ଗନୱାଡ଼ି ସୁପରଭାଇଜର ଙ୍କ ମାଧ୍ୟମରେ ଗ୍ରହଣ କରାଯିବ ବାଦ ପଡ଼ିଯାଇଥିବା ତଥା ଅପହଞ୍ଚ କିମ୍ବା ଦୁର୍ଗମ ଅଞ୍ଚଳର ଶିଶୁ ମାନଙ୍କ ଶତ ପ୍ରତିଶତ ଓଜନ ଏବଂ ଉଚ୍ଚତା ଆକଳନକୁ ସୁନିଶ୍ଚିତ କରାଯିବା ଏହି ମହତ୍ କାର୍ଯ୍ୟର ଲକ୍ଷ ଅଟେ ବୋଲି ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ପ୍ରକାଶ କରି କାର୍ଯ୍ୟରେ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀ,ସୁପରଭାଇଜର, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମସ୍ତେ ନିଷ୍ଠାପର ଭାବେ ସେବା ପ୍ରଦାନ କରି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶିଶୁ ମାନଙ୍କ ସୁସ୍ଥ ଶରୀର ଗଠନ ଦିଗରେ ଉତ୍ସର୍ଗୀ କୃତ ଯୋଗଦାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଜନସାଧାରଣ ମାନେ ପୋଲିସ ହେଲ୍ପ ଲାଇନ ୧୧୨, ମହିଳା ହେଲ୍ପଲାଇନ ୧୮୧ ଏବଂ ଶିଶୁ ହେଲ୍ପ ଲାଇନ ୧୦୯୮ ରେ ଯୋଗାଯୋଗ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ ଏଠାରେ ପ୍ରକାଶ ଥାଉକି ଗଭୀର ଭାବରେ ବୃଦ୍ଧିରେ ପ୍ରଭାବ ପଡ଼ିଥିବା ୩୩୧୦ ଶିଶୁ ମାନଙ୍କର ଅଗ୍ରାଧିକାର ଭିତ୍ତିରେ ସର୍ଭେ କରାଯିବ ସେହିପରି ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାସ୍ତରୀୟ ସଂଶୋଧିତ ପରିବର୍ଦ୍ଧିତ ଖାଦ୍ୟ ତାଲିକା ଖର୍ଚ୍ଚ ନିୟମ ଉପରେ ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ପ୍ରଦାନ କରିଥିଲେ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଉପ ପରିଚାଳିକା , ପରିବର୍ଦ୍ଧିତ ଶିଶୁ ଯତ୍ନ, ରୋଜାଲିନ ମହାପାତ୍ର, କାର୍ଯ୍ୟକ୍ରମ ପରିଚାଳିକା ସୌଦାମିନୀ ଦାଶ, ଅନୁପମା ଭୋଇ, ଦେବକୀ ସାହୁ ଙ୍କ ସମେତ ସମସ୍ତ ଅଙ୍ଗନୱାଡ଼ି ସୁପରଭାଇଜର ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ପିଲାଙ୍କ ଶୈକ୍ଷିକ ଅଭିବୃଦ୍ଧି ପାଇଁ ବିଦ୍ୟାଳୟ ପରିଦର୍ଶନ କଲେ ଟିକାବାଲି ବିଇଓ

ଫୁଲବାଣୀ, ୨।୭ (ଆନିସ): ପିଲାଙ୍କ ଶୈକ୍ଷିକ ଅଭିବୃଦ୍ଧି, ଗୁଣାତ୍ମକ ଶିକ୍ଷା ଏବଂ ବିଦ୍ୟାଳୟର ସାମଗ୍ରିକ ବିକାଶକୁ ଲକ୍ଷ୍ୟ କରି ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିନୋଦ ବିହାରୀ ଦିଗାଳ ଟିକାବାଲି ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରି ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ସହ ବିଭିନ୍ନ ଶୈକ୍ଷିକ ବିଷୟରେ ଆଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଗସାଗୁଡ଼ା କ୍ଲଷ୍ଟରର ପିକରଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଦଗୁଡ଼ା କ୍ଲଷ୍ଟରର ଗଦଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ରୁଦାଙ୍ଗିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

ବିଇଓଙ୍କ ସହ ଏକ ମନିଟରିଂ ଦଳ ମଧ୍ୟ ପରିଦର୍ଶନରେ ସାମିଲ ହୋଇଥିଲେ। ଏହି ଦଳରେ ବି.ଆର୍.ସି.ସି. ଶ୍ରୀ ପ୍ରଦୀପ୍ତ କୁମାର ନାୟକ ଏବଂ ସି.ଆର୍.ସି.ସି. ଶ୍ରୀ ଅରବିନ୍ଦ ମହାପାତ୍ର, ଶ୍ରୀ ବିଷ୍ଣୁପ୍ରସାଦ ହୋତା, ଶ୍ରୀ ଜୟପ୍ରକାଶ ପାତ୍ର ଓ ଶ୍ରୀ ପବିତ୍ର କୁମାର ସାହୁ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଭୌତିକ ଭିତ୍ତିଭୂମି, ପରିଷ୍କାର-ପରିଚ୍ଛନ୍ନତା, ସୁରକ୍ଷା ବ୍ୟବସ୍ଥା ଓ ଶିକ୍ଷାଦାନ ପ୍ରକ୍ରିୟାର ସମୀକ୍ଷା କରାଯାଇଥିଲା। ବିଦ୍ୟାଳୟ ପରିସର ଶିକ୍ଷାର୍ଥୀଙ୍କ ପାଇଁ ସ୍ୱଚ୍ଛ, ସୁରକ୍ଷିତ ଏବଂ ବିପଦମୁକ୍ତ ପରିବେଶ ହେବା ଆବଶ୍ୟକ ବୋଲି ବିଇଓ ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ବିଦ୍ୟାଳୟର ପ୍ରତ୍ୟେକ ଶିଶୁ ଯେପରି ଓଡ଼ିଆ ଅକ୍ଷର, ଶବ୍ଦ ଓ ବାକ୍ୟ ସଠିକ ଭାବରେ ପଢ଼ିବା, ଲେଖିବା ଓ ବୁଝିବାରେ ସକ୍ଷମ ହେବେ, ସେଥିପ୍ରତି ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ଏହା ସହିତ ବିଦ୍ୟାଳୟର ବିଭିନ୍ନ ରେକର୍ଡ, ରେଜିଷ୍ଟର, ଶିକ୍ଷକଙ୍କ ଲେସନ୍ ପ୍ଲାନ୍, ବାର୍ଷିକ ପାଠ୍ୟ ଖସଡ଼ା ଆଦି ଯାଞ୍ଚ କରି ସେଗୁଡ଼ିକୁ ନିୟମିତ ଓ ସଠିକ ଭାବେ ପ୍ରସ୍ତୁତ କରି ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଶ୍ରେଣୀକକ୍ଷରେ ବିଷୟଭିତ୍ତିକ ସମୟ ନିର୍ଘଣ୍ଟ ପ୍ରଦର୍ଶିତ କରିବା ଏବଂ ତାହାର ସଠିକ ପାଳନ କରିବାକୁ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ବିଇଓ ଶ୍ରୀ ଦିଗାଳ କହିଥିଲେ ଯେ, ବିକଶିତ ଭାରତ ଗଠନରେ ଶିଶୁମାନେ ହିଁ ମୁଖ୍ୟ ଆଧାର। ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ହେଲେ ହିଁ ଦେଶର ସୁଦୃଢ଼ ବିକାଶ ସମ୍ଭବ।

ସେ ଆହୁରି କହିଥିଲେ ଯେ, ଶିଶୁମାନଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି, ଉତ୍ତମ ଆଚରଣ, ଶୁଦ୍ଧ ଉଚ୍ଚାରଣ, ବୟୋଜ୍ୟେଷ୍ଠଙ୍କ ପ୍ରତି ସମ୍ମାନ, ନୈତିକ ମୂଲ୍ୟବୋଧ ଓ ଭକ୍ତିଭାବ ବିକାଶ ପାଇଁ ବିଦ୍ୟାଳୟ ସ୍ତରରେ ନିରନ୍ତର ପ୍ରୟାସ ଜାରି ରହିବା ଆବଶ୍ୟକ। ପରିଦର୍ଶନ ଶେଷରେ ବିଇଓ ବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ଶିକ୍ଷକମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବା ସହ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ସମସ୍ତଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ।



# ୪ ମାସ ହେଲା କୈଶୋରୀଙ୍କୁ ମିଳୁନି ଅଣ୍ଡା
## ସନ୍ତୁଳିତ ଖାଦ୍ୟର ଅଭାବ ଯୋଗୁଁ କାମରେ ଆସିଲାନି ଯୋଜନା

ଓଡ଼ଗାଁ ୦୨/୦୭(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ଶିଶୁ ମାନଙ୍କ ଠାରୁ ଆରମ୍ଭ କରି କୈଶୋରୀ ମାନଙ୍କ ପର୍ଯ୍ୟନ୍ତ ଏବଂ ଗର୍ଭବତୀ ପ୍ରସୂତି ମହିଳାଙ୍କ ଠାରୁ ଆରମ୍ଭ କରି ନବଜାତ ଶିଶୁ ମାନଙ୍କ ଶାରୀରିକ ଅଭିବୃଦ୍ଧି ସାଙ୍ଗକୁ ସୁସ୍ଥ ଜୀବନ ଧାରଣ ନିମନ୍ତେ ସରକାରଙ୍କ ତରଫରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏଥିପାଇଁ କୋଟି କୋଟି ଟଙ୍କାର ବ୍ୟୟ ବରାଦ କରାଯାଉଛି।

କିନ୍ତୁ ଯୋଜନା ଯଦି ପ୍ରକୃତ ଫଳପ୍ରଦ ନହୁଏ ତେବେ ସରକାରଙ୍କ ଉଦ୍ଦେଶ୍ୟ ସାଧନ ବାଧାପ୍ରାପ୍ତ ହୋଇଯାଏ। କଥାରେ ଅଛି ୧୨ ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଗଲା। ଅର୍ଥାତ୍ ଦୀର୍ଘ ଲକ୍ଷ୍ୟ ରଖି ଆରମ୍ଭ ହୋଇଥିବା ଯୋଜନା ଯଦି କୌଣସି କାରଣରୁ ମଝିରେ ମଝିରେ ବନ୍ଦ ହୁଏ ତେବେ ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇନଥାଏ। ଠିକ୍ ସେହିପରି ମହିଳା ଓ ଶିଶୁ ବିକାଶ ଯୋଜନା ମାଧ୍ୟମରେ ୧୫ ରୁ ୧୯ ବର୍ଷିୟ ସମସ୍ତ ବର୍ଗର କୈଶୋରୀ ମାନଙ୍କ ଶାରୀରିକ ଅଭିବୃଦ୍ଧି ନିମନ୍ତେ ପ୍ରୋଟିନ ଯୁକ୍ତ ଖାଦ୍ୟ ଦେବା ପାଇଁ ସେମାନଙ୍କୁ ଜଣପିଛା ମୁଢ଼ି ଏବଂ ବୋଟ ଚଣା ସହିତ ପ୍ରତି ମାସରେ ଅଙ୍ଗନବାଡ଼ି କର୍ମୀ ନିଜ ଚେଷ୍ଟାରେ ଅଣ୍ଡା କ୍ରୟ କରି ୧୬ ଲେଖାଁଏ ଅଣ୍ଡା ବଣ୍ଟନ କରୁଥିଲେ। ଏବଂ ପରେ ସେମାନଙ୍କୁ ଅଣ୍ଡା ବାବଦ ଟଙ୍କା ମିଳିଯାଉଥିଲା। ତେବେ ୨୦୨୫ ମସିହା ନଭେମ୍ବର ମାସ ସୁଦ୍ଧା ଅଣ୍ଡା ବାବଦ ଅର୍ଥ ମିଳିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ସେ ବାବଦରେ କୌଣସି ଟଙ୍କା ମିଳିଲା ନାହିଁ। ଫଳରେ ଅଙ୍ଗନବାଡ଼ି କର୍ମୀ ଧାର ଉଧାର କରି ୨୦୨୬ ଫେବୃୟାରୀ ପର୍ଯ୍ୟନ୍ତ ଅଣ୍ଡା ବଣ୍ଟନ କଲେ।ତା ପରଠାରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୪ ମାସ ହେଲା ଅଣ୍ଡା ବଣ୍ଟନ ବନ୍ଦ ରହିଛି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଅଣ୍ଡା ବଣ୍ଟନ କରାଗଲା ତାର କୌଣସି ନିୟମିତତା ନରହିବାରୁ ତାହା ଫଳପ୍ରଦ ହେବାର ସମ୍ଭାବନା ରହିଲା ନାହିଁ। ତଥ୍ୟ ଅନୁଯାୟୀ ଜଣେ କୈଶୋରୀଙ୍କୁ ପ୍ରତି ମାସରେ ୧୬ ଲେଖାଏଁ ବ୍ଲକର ୩ ହଜାର ୯ ଶହ ୬୦ ଜଣଙ୍କୁ ୬୩ ହଜାର ୩ ଶହ ୬୦ ଅଣ୍ଡା ବଣ୍ଟନ ହେଉଥିଲା। ଯଦି ବଣ୍ଟନ ବନ୍ଦ ରହିଥିବା ମାସ ଗୁଡ଼ିକର ଭାଗ ଅଣ୍ଡା ବଣ୍ଟନ କରାଯାଏ ତେବେ ୨ଲକ୍ଷ ୫୩ ହଜାର ୪ ଶହ ୪୦ ଅଣ୍ଡା ବଣ୍ଟନ କରାଯିବ। ଫଳରେ ଜଣ ପିଛା ଏକାବେଳକେ ୬୪ ଅଣ୍ଡା ମିଳିବ।ଏହାଦ୍ବାରା କୈଶୋରୀ ମାନଙ୍କୁ କିଲାଭ ମିଳିବ। ଯେଉଁ ବୟସରେ କୈଶୋରୀ ମାନଙ୍କ ଶାରୀରିକ ଲକ୍ଷଣରେ ପରିବର୍ତ୍ତନ ଆସିଥାଏ ଏବଂ ଅସନ୍ତୁଳନତା ପ୍ରଭାବର ସଙ୍କେତ ମିଳିଥାଏ, ଠିକ୍ ସେହି ସମୟରେ ଅଧିକ ପରିମାଣର ପୁଷ୍ଟିସାର ଜାତୀୟ ଖାଦ୍ୟର ଆବଶ୍ୟକ ହୋଇଥାଏ। କିନ୍ତୁ ଏବେ କଣ ହେଲା

## ଯୁବକକୁ ଆକ୍ରମଣ

ବିନିକା,୨।୭ (ଆନିସ)ବିନିକାରେ ଗତକାଲି ରାତି ରେ ବିଚ ରାସ୍ତାରେ ଯୁବକକୁ ହାଣିଲେ ଦୁର୍ବୃତ୍ତ ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରରେ ଯୁବକକୁ ବିଚ ରାସ୍ତାରେ ମରଣାନ୍ତକ ଆକ୍ରମଣ ଗୁରୁତର ଅବସ୍ଥାରେ ବିନିକା। ବେରିହାପଡାର ଜୟ ବାଗ (୨୫) ନାମକ ଯୁବକ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କୌଣସି ଏକ କାରଣରୁ ସହରର ପାପକ୍ଷୟ ଛକରେ କିଛି ଦୁର୍ବୃର୍ତ୍ତ ଜୟକୁ ଲହୁଲୁହାଣ କରିବା ସହ ମରଣାନ୍ତକ ଆକ୍ରମଣକରୀ ଘଟଣା ସ୍ଥଳରୁ ଫେରାର ମାରିଛନ୍ତି ଫଳରେ ଜୟଙ୍କ ଗୋଡ଼, ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାକୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ବିଳମ୍ବିତ ରାତିରେ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

## ଘୋଷଣାନାମା

ମୁଁ, ଦଣ୍ଡପାଣି ମହାନ୍ତି, ଗ୍ରାମ: ହନୁମନ୍ତିଆ, ପୋ- କୁରାଳ, ଜିଲ୍ଲା: ନୟାଗଡ଼, ଜଣାଉଛି ଯେ ମୋର ଆଧାର କାର୍ଡରେ ପିତାଙ୍କ ନାମ ଖଳି ମହାନ୍ତି ଏବଂ ଜମି ପଟ୍ଟାରେ ଆରକ୍ଷିତ ମହାନ୍ତି ଉଲ୍ଲେଖ ଅଛି। ପ୍ରକୃତ ପକ୍ଷେ ଏହି ଦୁଇଟିଯାକ ନାମ ଜଣେ ମାତ୍ର ବ୍ୟକ୍ତିଙ୍କର (ମୋର ପିତାଙ୍କର) ଅଟେ। ପିତା-ଖଳି ମହାନ୍ତି, ମୌଜା ନାଉରୀଆଗଡା, ଥାନା-ଓଡ଼ଗାଁ, ଜିଲ୍ଲା ନୟାଗଡ, ଘୋଷଣା କରୁଅଛି ଯେ, ତାଙ୍କ ନାମରେ ଥିବା ଜମିପଟ୍ଟାର ଖାତା ସଂଖ୍ୟା ୦୯ରେ ବର୍ଣ୍ଣିତ ଦଣ୍ଡପାଣି ମହାନ୍ତି, ପିତା- ଅରକ୍ଷିତ ମହାନ୍ତି ଏବଂ ଆଧାର କାର୍ଡ ସଂଖ୍ୟା- ୬୮୭୪****୬୬୩୫ରେ ବର୍ଣ୍ଣିତ ଦଣ୍ଡପାଣି ମହାନ୍ତି, ପିତା- ଖଳି ମହାନ୍ତି ଉଭୟ ବ୍ୟକ୍ତି ନାଉରୀଆଗଡାର ଏକ ଅଟନ୍ତି ଏବଂ ଖଳି ମହାନ୍ତି/ ଅରକ୍ଷିତ ମହାନ୍ତି ନାମରେ ଅନ୍ୟ କୌଣସି ବ୍ୟକ୍ତି ବିଶେଷ ଏହି ଅଞ୍ଚଳରେ ନାହାଁନ୍ତି । ଏହା ସର୍ବସାଧାରଣ ଅବଗତ ନିମନ୍ତେ ପ୍ରକାଶ କଲି । ଏ ସମ୍ପର୍କରେ ମୁଁ ଗତ ୨୫.୦୬.୨୦୨୬ ରିଖରେ ଓଡ଼ଗାଁ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଏକ ଆଫିଡେଭିଟ୍ (ନଂ- ୮୨ ୪୧୬୯୩୩) କରିଅଛି।

ସ୍ୱା- ଦଣ୍ଡପାଣି ମହାନ୍ତି

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ଓଡ଼ିଆ ଭାଷା ସାହିତ୍ୟ ଓ ତାହାର କ୍ରମବିକାଶ

ସାହିତ୍ୟ ସମାଜର ହିତ ସାଧନ କରି ଜନସାଧାରଣଙ୍କୁ ସମ୍ବେଦନଶୀଳ ତଥା ସଚେତନ କରିବାରେ ପ୍ରମୁଖ ସହାୟକ । ଓଡ଼ିଆ ସାହିତ୍ୟ ଓଡ଼ିଶାବାସୀଙ୍କ ଉନ୍ନତିରେ କର୍ମରତ । ଏହା ଆମ ରାଜ୍ୟର ବିକାଶ ଓ ସଂସ୍କୃତିର ପରିଚୟ ଦେଇଥାଏ। ସୁଦୂର ଅତୀତରେ ଲିପିର ଅଭାବ ହେତୁ ମୁଖସ୍ଥ କରିବା ଥିଲା ସାହିତ୍ୟକୁ ବଞ୍ଚାଇ ରଖିବାର ଏକ ମାତ୍ର ଉପାୟ । ତେଣୁ ମନେ ରଖିବାର ସୁବିଧା ନିମନ୍ତେ ସବୁ କଥାକୁ ପଦ୍ୟର ରୂପ ଦେବା ଦରକାର ଥିଲା । ଗଣିତ ବିଦ୍ୟା, ଆକାଶ ବିଦ୍ୟା, ଏପରିକି ମାଛ ମାରିବା, ପାଗ ଜାଣିବା ଆଦିକୁ ନେଇ ପଦ୍ୟ ସବୁ ରଚା ଯାଇଥିଲା । ଓଡ଼ିଆରେ ଅନେକ ପୁରାତନ ରଚନା ଯେମିତିକି ଲୀଳାବତୀ ସୂତ୍ର, ଡାକରଷି ବଚନ, ଖନା ବଚନ ଓ ଗଣିତର ବିଭିନ୍ନ ସୂତ୍ର ଲୋକଗୀତରେ ଅଛି । ଓଡ଼ିଆ ସାହିତ୍ୟର ଇତିହାସ ଚର୍ଯା ଗୀତିରୁ ଆରମ୍ଭ ବୋଲି ପ୍ରମାଣ ମିଳିଅଛି । ଏହା ବୁଦ୍ଧଙ୍କ ଜନ୍ମ ସମୟରେ ସୃଷ୍ଟି ହୋଇଥିଲା । ସେହି କାଳରୁ ବୁଦ୍ଧଙ୍କର ଜନ୍ମଜାତକ (ବୁଦ୍ଧଜାତକ), ବାଣୀ ତ୍ରିପିଟକ ଭାବରେ ଓ ବୌଦ୍ଧ ସାଧୁ ସନ୍ଥମାନଙ୍କ ଲେଖା ଚର୍ଯ୍ୟଗୀତିକା ଓଡ଼ିଆ ସାହିତ୍ୟର ଆରମ୍ଭ । ଏହା ପରବର୍ତ୍ତୀ କାଳରେ ଭକ୍ତିଯୁଗ ସମୟରେ ଏହା ଖୁବ ଉନ୍ନତ ହୋଇଥିଲା । ପରେ ରୀତିଯୁଗ ଓ ଆଧୁନିକ ଓଡ଼ିଆ ସାହିତ୍ୟର ଆରମ୍ଭ ହୋଇଥିଲା । କେତେକ ସ୍ଥଳରେ ଉତ୍ତର ଆଧୁନିକ ସାହିତ୍ୟର ଉକ୍ତି ଦେଖିବାକୁ ମିଳିଥାଏ । ତେବେ ଓଡ଼ିଆ ଭାଷା ସାହିତ୍ୟର କ୍ରମବିକାଶ ବହୁ ବାଧାବିଘ୍ନ ଦେଇ ଗତି କରି ଶେଷରେ ସ୍ୱତନ୍ତ୍ରତା ପ୍ରାପ୍ତ କରିଛି।

ଓଡ଼ିଆ ଭାଷା ସାହିତ୍ୟର କ୍ରମବିକାଶ ସଂପର୍କରେ ଆଲୋକପାତ କରାଗଲେ ଜଣାଯାଏ ଯେ ଏହା ବିଭିନ୍ନ ବିଭାଗ ଦେଇ ଗତି କରିଛି। ଖ୍ରୀଷ୍ଟୀୟ ଉନବିଂଶ ଶତାବ୍ଦୀର ଆରମ୍ଭରୁ ଇଂରେଜମାନେ ଓଡ଼ିଶାକୁ ଅଧିକାର କଲା ପରେ ଓଡ଼ିଶା ସମେତ ସମଗ୍ର ଭାରତବର୍ଷ ଇଂରେଜ ଶାସନାଧୀନ ହୋଇଗଲା । ଓଡ଼ିଶାରେ ଯଦିଓ ଇଂରେଜମାନଙ୍କ ବିରୋଧରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ସୁରେନ୍ଦ୍ର ସାଏ, ତାପଙ୍ଗ ଦଳବେହେରା ପ୍ରମୁଖ ବିଭିନ୍ନ ସମୟରେ ବିଦ୍ରୋହ କରିଥିଲେ, ତାହା ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଇଂରେଜ ସେନାବାହିନୀ ଦ୍ୱାରା ଅବଦମିତ ହୋଇଯାଇଥିଲା । ସୁଚତୁର ଇଂରେଜମାନେ ସୂର୍ଯ୍ୟାସ୍ତ ନିଲାମ ଆଇନ୍ ଦ୍ୱାରା ଓଡ଼ିଶାର କୃଷକ ଓ ଜମି ମାଲିକଙ୍କ ଜମିକୁ ହସ୍ତାନ୍ତରିତ କରି ନୂତନ ସୃଷ୍ଟ ଅନୁଗତ ଜମିଦାରଙ୍କ ଦାୟିତ୍ୱରେ ନ୍ୟସ୍ତ କରିଦେଲେ । ଫଳରେ ଓଡ଼ିଆ ଜାତି ଦାରିଦ୍ର୍ୟ ଭିତରେ ରହି ନାନା କୁସଂସ୍କାରରେ ବୁଡ଼ି ରହିବାକୁ ବାଧ ହେଲା । ଏହି ସମୟରେ ଯେଉଁ ରାଜା, ଜମିଦାରମାନେ ରହିଲେ ସେମାନେ ଜନସାଧାରଣଙ୍କ ପ୍ରତି ଅନୁଦାର ଭାବ ପୋଷଣ କଲେ । ନାନା ଅତ୍ୟାଚାର, ଶୋଷଣ, ପୀଡ଼ନ ଭିତରେ ଓଡ଼ିଆ ଜାତି ହାମୃତାଶା ଭିତରେ ଜୀବନ କଟାଇବାକୁ ବାଧ ହେଲା । ଖ୍ରୀଷ୍ଟିୟାନ ମିଶନାରୀମାନେ ୧୮୨୨ ମସିହାରୁ ଓଡ଼ିଶାରେ ମିଶନ ସ୍କୁଲମାନ ପ୍ରତିଷ୍ଠା କରି ଶିକ୍ଷାଦାନ ପାଇଁ ବ୍ୟବସ୍ଥା କଲେ ମଧ ଓଡ଼ିଆମାନେ ସେହିସବୁ ସ୍କୁଲରେ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ପଠାଇଲେ ନାହିଁ । ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଭୟ, ଆତଙ୍କ, ଅଶିକ୍ଷା, ଅନ୍ଧବିଶ୍ୱାସ ଇତ୍ୟାଦି ଦ୍ୱାରା ଓଡ଼ିଆ ଜାତିକୁ ସଂପୂର୍ଣ୍ଣ ଆତ୍ମବିଲୁପ୍ତ କରିଦେଲା । ଏହି ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର କିଛି କାଳ ପର୍ଯ୍ୟନ୍ତ ମଧ ଜାତିର ନିର୍ବେଦତା ଲାଗି ରହିଲା । ସେହି ନିର୍ବେଦତା ଓ ଆତ୍ମବିଲୁପ୍ତର ଚରମ ନିଦର୍ଶନ ହେଲା ନ'ଅଙ୍କ ଦୁର୍ଭିକ୍ଷ ୧୮୬୬ । ଗୋଟାଏ ଇତିହାସ ପ୍ରସିଦ୍ଧ ଜାତି ଯେମିତି ଶ୍ମଶାନିତ ହୋଇଗଲା । ଏହି ମହାଶ୍ମଶାନରୁ ସୁପ୍ତ ଓଡ଼ିଆ ଜାତିର ହେଲା ନିଦ୍ରାଭଙ୍ଗ । ତା'ର ହେଲା ଆତ୍ମଜାଗୃତି । ମାତୃଭାଷା ଓ ମାତୃଭୂମିକୁ ଆଧାର କରି ଓଡ଼ିଆ ଜାତୀୟତାର ଶୁଭଶଙ୍ଖ ନିନାଦିତ ହେଲା ଓ ସେହି ଶଙ୍ଖ ଧ୍ୱନି କର୍ମଯୋଗୀ ଗୌରୀଶଙ୍କର ରାୟଙ୍କ ପ୍ରତିଷ୍ଠିତ ଓ ସଂପାଦିତ ''ଉତ୍କଳ ଦୀପିକା'' ୧୮୬୬ ମସିହାରେ ପ୍ରଥମେ ବାଦନ କରିଥିଲା । ତାହାହିଁ ପ୍ରତିଧ୍ୱନିତ ହେଲା ସମଗ୍ର ଓଡ଼ିଶାରେ । ଏହି ପତ୍ରିକାକୁ ଆଦର୍ଶ କରି ପରେ ପରେ ପ୍ରକାଶ ପାଇଲା 'ବାଲେଶ୍ୱର ସମ୍ବାଦ ବାହିକା (୧୮୬୮), 'ଉତ୍କଳ ହିତୈଷିଣୀ (୧୮୬୯), ''ଓଡ଼ିଆ ଓ ନବ ସଂବାଦ (୧୮୮୮) ସମ୍ବଲପୁର ହିତୈଷିଣୀ (୧୮୮୯), 'ଉତ୍କଳପୁତ୍ର'(୧୮୭୩) ଆଦି ସମ୍ବାଦ ପତ୍ରିକା, ଉତ୍କଳ ଦର୍ପଣ (୧୮୭୩)ଉତ୍କଳ – ମଧୁପ' (୧୮୭୮), 'ଉତ୍କଳ ପ୍ରଭା' ( ୧୮୯୧ ), ''ଉତ୍କଳ ସାହିତ୍ୟ (୧୮୯୭), ମୁକୁର' (୧୯୦୬), '' ସତ୍ୟବାଦୀ (୧୯୧୫) ଆଦି ସାହିତ୍ୟ ପତ୍ରିକା । ଏହି ପତ୍ରିକାଗୁଡ଼ିକ ହେଲା ଆଧୁନିକ ଓଡ଼ିଆ ସାହିତ୍ୟର ବାର୍ତ୍ତାବହ ଓ ଆଧୁନିକ ଲେଖକମାନଙ୍କର ଆତ୍ମ ପ୍ରକାଶର ମାଧ୍ୟମ ।

ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ବେଳକୁ କଲିକତା ଏକ ମୁଖ୍ୟ ସହରରେ ପରିଣତ ହୋଇଗଲା ଓ ସେଠାରେ ଇଂରାଜି ଶିକ୍ଷାର ପ୍ରସାର ଘଟି ନବଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଘଟିଲା । ଫଳରେ ବଙ୍ଗଳାରେ ରେନେସାଁ ବା ନବଜାଗରଣ ଦେଖାଦେଲା । ରାଜା ରାମମୋହନ ରାୟ ପ୍ରତିଷ୍ଠା କଲେ ବ୍ରାହ୍ମ ଧର୍ମ (୧୮୨୮) । ଏହି ଧର୍ମ ପିତୁଳାପୂଜାକୁ ବିରୋଧ କରି ଏକେଶ୍ୱର ବ୍ରହ୍ମବାଦ ଉପରେ ଗୁରୁତ୍ୱ ଦେଲା । ଏହି ନବଜାଗରିତ ଚେତନାରେ ଯେଉଁ ସବୁ ଆଭିମୁଖ୍ୟ ପ୍ରକାଶ ପାଇଲା, ତାହା ହେଲା ମାନବ ବନ୍ଦନା, ସମାଜ–ସଂସ୍କାର, ମନସ୍ତତା, ବିଧବା–ବିବାହ ପ୍ରତି ସମର୍ଥନ, ବାଲ୍ୟବିବାହ – ବିରୋଧ, ସ୍ୱାଧୀନତା ବୋଧ ପ୍ରଭୃତି । ଏହି ସମୟରେ ବଙ୍ଗଳାରେ ନୂତନ ଲେଖକ ଗୋଷ୍ଠୀର ଆବିର୍ଭାବ ଘଟିଲା । ମାଇକେଲ ମଧୁସୂଦନ ଦତ୍ତ, ବଙ୍କିମ ଚନ୍ଦ୍ର, ନବୀନ ସେନ୍, ହେମଚନ୍ଦ୍ର, ରବୀନ୍ଦ୍ରନାଥ ଠାକୁର ପ୍ରମୁଖ ଲେଖକମାନେ ବଙ୍ଗଳା ଭାଷାରେ ରଚନା କଲେ ନୂତନ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଓ ସମାଲୋଚନା ଇତ୍ୟାଦି । ଓଡ଼ିଶାରେ ୧୮୭୦ ମସିହା ବେଳକୁ ନବଶିକ୍ଷିତ ଗୋଷ୍ଠୀର ହେଲା ଆବିର୍ଭାବ । ବ୍ରାହ୍ମଧର୍ମ ମଧ ଓଡ଼ିଶାରେ ପ୍ରସାରିତ ହେଲା । ପତ୍ରପତ୍ରିକା ପ୍ରକାଶ ପାଇଲା । ନଅଙ୍କ ଦୁର୍ଭିକ୍ଷର ମହାଶ୍ମଶାନ ଭିତରୁ ଓଡ଼ିଆ ଜାତିର ହେଲା ନବଜନ୍ମ । ଓଡ଼ିଆ ଭାଷାକୁ ଓଡ଼ିଶାରୁ ଉଠାଇ ଦେବାର ସରକାରୀ ଆଦେଶନାମା ବିରୋଧରେ ଆରମ୍ଭ ହେଲା ଭାଷା–ସୁରକ୍ଷା– ଆନ୍ଦୋଳନ (୧୮୬୯/୭୦) ଓଡ଼ିଆ ଭାଷା ମରଣ ସଂକଟରୁ ରକ୍ଷା ପାଇଲା । ଏହି ମାତୃଭାଷା–ପ୍ରତିରୁ ଜନ୍ମ ନେଲା ଆଧୁନିକ ଓଡ଼ିଆ ସାହିତ୍ୟ । ଇଂରେଜ–ଶିକ୍ଷା–ପ୍ରାପ୍ତ ତରୁଣ ଶିକ୍ଷିତ ଗୋଷ୍ଠୀଙ୍କ ମଧ୍ୟରୁ କେତେକ ସମାଜ ଓ ମାତୃଭୂମି–ସଚେତନ ଶିକ୍ଷିତ ବ୍ୟକ୍ତି ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରତି ବୀତସ୍ପୃହ ହୋଇ ସୃଷ୍ଟି କଲେ ପାଶ୍ଚାତ୍ୟ ସାହିତ୍ୟ ଆଦର୍ଶରେ ନୂତନ ଓଡ଼ିଆ କାବ୍ୟ, କବିତା, ଗନ୍ଧ, ଉପନ୍ୟାସ, ନାଟକ, ପ୍ରବନ୍ଧ, ରମ୍ୟରଚନା, ଜୀବନୀ, ଆତ୍ମ ଜୀବନୀ, ଭ୍ରମଣ କାହାଣୀ, ସମାଲୋଚନା ଇତ୍ୟାଦି । ତେଣୁ ଆଧୁନିକ ଓଡ଼ିଆ ସାହିତ୍ୟ ହେଲା ପାଶ୍ଚାତ୍ୟ ସାହିତ୍ୟର ଅମୃତମୟ ଫଳ ଶ୍ରୁତି । ଯେଉଁ ନବ ରୁଚି ଓ ନବ ଚେତନା ଦେଖାଦେଲା ତାହାହିଁ ଆଧୁନିକ ଓଡ଼ିଆ ସାହିତ୍ୟର ଆଦିପର୍ବର ହେଲା ପ୍ରଧାନ ଉପଜୀବ୍ୟ । ଯଦିଓ ଆଧୁନିକ ଚେତନାର ଭିନ୍ନ ଭିନ୍ନ ଦିଗ ସାହିତ୍ୟରେ ରୂପ ନେଲା ତଥାପି ଔପନିବେଶିକ ଶାସନ ଭିତରେ ଯେଉଁ ମାନସିକତା ଜନ୍ମ ମାତୃଭୂମି ଓ ମାତୃଭାଷା ପ୍ରୀତି, ପ୍ରକୃତି–ପ୍ରୀତି, ନାରୀ– ନେଇଥିଲା। ତାହା ଔପନିବେଶିକ ମାନସିକତାରୁ ସଂପୂର୍ଣ୍ଣ ସ୍ୱାତନ୍ତ୍ରା, ନାରୀ–ଶିକ୍ଷା, ବ୍ୟକ୍ତି–ସ୍ୱାତନ୍ତ୍ରା, ଏକ ଈଶ୍ୱର ମୁକ୍ତ ହେଲା ନାହିଁ ଓ ସେହି ସାହିତ୍ୟ ମଧ ସେଥିରୁ ମୁକ୍ତ ନ ଭାବନା, ଇତିହାସ ଓ ଐତିହ୍ୟ ପ୍ରତି ଶ୍ରଦ୍ଧା, ବିଜ୍ଞାନ– ହୋଇ, ହୋଇଗଲା ଔପନିବେଶିକ ଆଧୁନିକ ସାହିତ୍ୟ ଯାହା ଆଜି ବେଶ ଲୋକପ୍ରିୟ ଓ ପ୍ରଚଳିତ ମଧ।

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
**ଅରଙ୍ଗାବାଦ, ବରୀ, ଯାଜପୁର**

# ନୀରବତାର ଉପକଥା

## ସୁନନ୍ଦା ମହାନ୍ତି

ଟ୍ରେନ ଡବାରେ ଏକୁଟିଆ ଯାତ୍ରୀ ଥିଲା ଅନିମେଷ । ପାଖରେ ଥିଲା ସମାଜ ପେପରଟିଏ । ଯୋଗକୁ ସେଦିନ ରବିବାର ଥାଏ । ଭଉଣୀ ହାତରୁ ରାକ୍ଷୀ ବାନ୍ଧିବାକୁ ସୁଦୂର ରାଉରକେଲା ଯାଉଥାଏ ସେ । ଏ ବର୍ଷ ଦୁଇଦିନ ପଡୁଥିଲା ରାକ୍ଷୀ । ପୁଣି କିଏ କହୁଥିଲା ଅମୃତ ବେଳା ଦେଖି ରାକ୍ଷୀ ପିନ୍ଧିବା ଉଚିତ ତ କିଏ କହୁଥିଲା ବାଜେ କଥା । ସ୍ତ୍ରୀ ମଧ ବାରଣ କରୁଥିଲା ଏବର୍ଷ ରାକ୍ଷୀ ପିନ୍ଧିବାକୁ । ଭଉଣୀ ଶାଶୁଙ୍କ ଦେହ ଖାରାପ ଯୋଗୁଁ ସେ ଆସିପାରିନି । ଶେଷକୁ ଆକର୍ଷଣ ବିଜୟ ଲାଭ କରି ଟିକେଟ ନମିଳିବାରୁ, ଏକମାତ୍ର ସୁପରଫାଷ୍ଟ ବଗିରେ ସେ ଏକମାତ୍ର ଯାତ୍ରୀଟିଏ, ତା କମ୍ପାର୍ଟମେଣ୍ଟରେ ।ପିଲାଦିନର ଅନେକ ଅନୁଭବ ଓ ଅନୁଭୂତିକୁ ନେଇ ସେ ଲେଖିଚାଲିଲା କବିତା ଓ ଗଳ୍ପ । ପୁଣି ପଢିଲା ସମାଜର ସାହିତ୍ୟ ପୃଷ୍ଠାରେ ଥିବା ଗଳ୍ପଟି । ଗଳ୍ପଟିର ନାମ ଥିଲା ଉଷାଦେବୀ । ଏକେଲାପଣକୁ କାଟିବାକୁ ଯାଇ ଗଳ୍ପମନସ୍କ ଅନିମେଷ ବୁଡିଗଲା ଗଳ୍ପ ଭିତରେ । ଗଳ୍ପଟି ଥିଲା ଏମିତି ।

ହୃଦୟରେ ଅନେକ ଶବ୍ଦ ବସା ବାନ୍ଧିଥାଏ । କେତେକ ଶବ୍ଦ କଥା, କାହାଣୀ, କବିତା ହୋଇ ବାହାରିଥାଏ ତ କେତେକ ଶବ୍ଦ ଭାଷା ହୋଇ ପରିପ୍ରକାଶ କରିବାକୁ ସାହାସ ପାଏନା । ସେଦିନ ପୁଅ ବୋହୂ ଯେବେ ଉଷାଙ୍କୁ ଘର ଛାଡ଼ି ଯିବାକୁ ନିଜ ଜିନିଷ ପତ୍ର ପ୍ୟାକ କରିବାକୁ କହିଥିଲେ, ସେ ତ କହିପାରିଥାନ୍ତେ, କେତେ କେତେ ହୃଦୟର ଶବ୍ଦ ସବୁକୁ ଏକାଠି କରି କେତେ କଥା ତ୍ୟାଗର, ସ୍ନେହ ମମତାର, ଅଧିକାରର, ପୁଣି ବି କରି ପାରିଥାନ୍ତେ ବିରୋଧ । କହିପାରିଥାନ୍ତେ ହୃଦୟର ଶବ୍ଦର ଢେଉ ସବୁକୁ କୂଳରେ ମଥା ପିଟିଲା ଭଳି, ତୁ କିଏ ମତେ ଘରୁ ଚାଲିଯିବାକୁ କହିବାକୁ?? ମୋର ଏ ଘର, ମୋ ସ୍ୱାମୀଙ୍କର ଏ ଘର, ବରଂ ତୁ ତୋ ସଂସାର ଧରି ବାହାରିଯାଇପାରୁ । କାହିଁକି କିଛି କହିଲେନି ଉଷା??ବାର୍ଦ୍ଧକ୍ୟ କଣ ଏକ ଅଭିଶାପ ତାଙ୍କ ପାଇଁ ନା ଦୁନିଆଁ ପାଇଁ? ବାର୍ଦ୍ଧକ୍ୟରେ କେବଳ ମୃତ୍ୟୁକୁ ଅପେକ୍ଷା କରିବା ହିଁ ବୋକାମୀ । ରୋଗ ଗ୍ରାସେ, ମନ ଦୁର୍ବଳ ହେଲେ ଶରୀର ଦୁର୍ବଳ ହୁଏ । ସେଇଥି ପାଇଁ ତ ହୃଦୟର ଶବ୍ଦକୁ ଗଳ୍ପ, କବିତା, ପ୍ରବନ୍ଧ, ଉପନ୍ୟାସ, ସ୍ତମ୍ଭ, ସମ୍ପାଦକୀୟ ଆଧାରରେ ପରିପ୍ରକାଶ କରି ଲେଖିଯାଆନ୍ତି ଉଷା ଅନେକ କିଛି । ଆର୍ଥିକ ସମ୍ବଳ ମଧ ଅଛି ତାଙ୍କର । ମନୋବଳ ଯୋଗୁଁ ନିଜେ ବ୍ୟାଙ୍କ, ଟ୍ରେଜେରୀ ଯିବାର ଦମ୍ଭ ଅଛି ତାଙ୍କର ତଥାପି ସେ ଚୁପ ରହିଲେ କାହିଁକି? ବିନା ପ୍ରତିବାଦରେ ଜୀବନ ସାରା ସଂଗ୍ରାମ କରି କରି, ତୋଳିଥିବା ଏତେବଡ ଘରଟାକୁ ଛାଡ଼ି ଆସିଲେ କାହିଁକି ଏ ଜାରାଶ୍ରମ? ଏତେ ଏତେ ହୃଦୟର ଶବ୍ଦକୁ ଲେଖନୀ ମୁନରେ ପରିପ୍ରକାଶ କରୁଥିବା ବାକ୍ୟ ଭାଷାର ଶବ୍ଦ ରୂପ କଥାକୁ କାହିଁକି ଢ଼ୋକି ଦେଇ ସର୍ବସ୍ୱ ଛାଡ଼ି ଚାଲି ଆସିଲେ ଏଠିକି??? ପଦଟିଏ ବି କହିଲେନି, ପ୍ରତିବାଦ କଲେନି, ତୁ କିଏ ପଚାରିଲେନି କାହିଁକି??କେହି କେହି ପଚାରନ୍ତି । ଓକିଲ ଡାକ୍ତର ଚିହ୍ନିପାରି ଏଣିକି କଣ କରିବାକୁ ହେବ ବତେଇ ଦେଲାବେଳେ ସେ ନୀରବ କାହିଁକି??

ବୋଧହୁଏ ମାତୃତ୍ୱ ।ହୁଏତ ମାତା କେବେ କୁମାତା ହୋଇପାରେନା ଉକ୍ତିଟିକୁ ଆଉଥରେ ପ୍ରମାଣ କରିଦେଲେ ଉଷାଦେବୀ କିନ୍ତୁ ବୁଦ୍ଧିଜୀବୀ ହିସାବରେ ନୂତନ ପିଢ଼ିଙ୍କ ଅଧୋଗତି, ବାଚାଳାମୀ, ନୈତିକ ସ୍ଖଳନ ରୋକିବା କଣ ତାଙ୍କର ଉଚିତ ନଥିଲା??ସମସ୍ତଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ ସହବାନ୍ଧବୀ ଜଣେ ହୃଦୟର ଶବ୍ଦକୁ ଯୋଡି ବାକ୍ୟଟିଏ ଗଠନ କରି ପଚାରିଲେ ଉଷାଙ୍କୁ, ଝିଅଟିଏର ଅଭାବବୋଧ କେବେ ଘାରିନି ଆପଣଙ୍କୁ?? ହୁଏତ ଝିଅଟିଏ ଥିଲେ ପ୍ରତିବାଦ କରିଥାନ୍ତା, ନିଜ ପାଖକୁ ନେଇଯାଇଥାନ୍ତା । ଚାହିଁଲେ ଉଷା ହସିଲେ ତୃପ୍ତିର ହସ ଏଇଥିପାଇଁ,ଏ ବୟସରେ ସହଯାତ୍ରୀ ବାନ୍ଧବୀଙ୍କ ମୁହଁରୁ ଏମିତି ଏକ ଦରଦପୂର୍ଣ୍ଣ ପ୍ରଶ୍ନଟିଏ ଶୁଣି, ନୀରବତା ଭାଙ୍ଗିଗଲା, ହୃଦୟ ହଲଚଲ ହେଲା ଶବ୍ଦ ସବୁ ବାହାରି ଆସିବାର ପ୍ରୟାସ ଭିତରୁ ଉଷାଙ୍କ ଓଠ ଟପି ପଦେ ପ୍ରଶ୍ନ ହିଁ ଉତ୍ତର ଆକାରରେ ବାହାରି ଆସିଲା, ବୋହୁ କଣ ଝିଅ ନୁହେଁ? ଚାହିଁଲେ ବାନ୍ଧବୀ ସନ୍ଦିଗ୍ଧ ନୟନରେ, ଅଧା ବୁଝା ଅଧା ଅବୁଝା ଆଖିରେ । ସ୍ନେହ ମମତାର ଦରଜା ଫିଟାଇ ହୃଦୟର ଶବ୍ଦ ସବୁ ଭାଷା ହୋଇ ପରିପ୍ରକାଶ ପାଇବାକୁ ବ୍ୟଗ୍ର ହେଲେ । ଉଷା କହିଲେ, ଆପଣଙ୍କର ଝିଅ ଅଛିକି ନା ଜାଣେନା । ଥିଲେ କଣ ଆପଣ ଚାହିଁଥିଲେ ତା ପାଖରେ ରହି ପାରିଥାନ୍ତେ??ଚାହିଁଲେ ବାନ୍ଧବୀ ଅଗ୍ନିରୂପା କହିଲେ ହଁ ଭଉଣୀ ପାରିଥାନ୍ତି କିନ୍ତୁ ତା ଶାଶୁ ଶଶୁର କୁଆଡେ ଯାଇଥାନ୍ତେ?? ମିଳିମିଶି ଚଳିବା ଏ କଳି ଯୁଗରେ କଣ ଏତେ ସହଜ?? ବେଳ ପଡିଲେ,ନିଜ ଝିଅର କଥା ମଧ ଶର ଭେଦିଲା ପରି ଲାଗିଥାଆନ୍ତା ନା ନାହିଁ ।କିନ୍ତୁ ମୁଁ ହତଭାଗୀ, ଝିଅଟିଏ ନାହିଁ ମୋ ଭାଗ୍ୟରେ ।କିଛି କହିଲେନି ଉଷା କିନ୍ତୁ ହୃଦୟର ଗନ୍ତାଘରେ ଆଉ କିଛି ଶବ୍ଦ ଯୋଡି ହୋଇଗଲା, ମନେ ମନେ ଭାବିଲେ ଯାହା ହେଲେ ବି ପୁଅ ସାଙ୍ଗକୁ ଝିଅଟିଏ ଜୀବନର ପରିପୂର୍ଣ୍ଣତା । ଆଉ ଯାହାକୁ ଭଗବାନ ପୁଅ ଦେଇନାହାଁନ୍ତି?? ସେଇଥିପାଇଁ ବଡ଼ମାନେ ବା ପିତୃପୁରୁଷମାନେ ତିଆରି କରିଥିବା ସମାଜ ଓ ସାମାଜିକ ବ୍ୟବସ୍ଥା ଏତେ ଶୃଙ୍ଖଳିତ ଭିତରେ, ଆଗାମୀ ପିଢ଼ି ବାଟ ଚୁଡ଼ି କେତେଦିନ ସ୍ୱାର୍ଥ ଓ ସର୍ତ୍ତ ତିଆରି କରୁଥିବ?ହଠାତ କାଚଗ୍ଲାସର ଝଣ ଝଣ ଶବ୍ଦରେ ସମସ୍ତେ ଚାହିଁ ଦେଖିଲେ, ଥରୁଥିବା ହାତରୁ ଜଣେ ବୃଦ୍ଧଙ୍କ ହାତରୁ ଗ୍ଲାସ ଖସିପଡ଼ିଛି । କେହି ବିରକ୍ତ ହେବା ବଦଳରେ, କାଚପାତ୍ର ଭାଙ୍ଗି କାଳେ କ୍ଷତ ସୃଷ୍ଟି ହେଇଥିବ ବୋଲି ୱାର୍ଡେନ ବ୍ୟଗ୍ର ଓ ବିବ୍ରତ ଆଉ କାଚ ଗୁଡିକର ଟୁକୁଡା ସଫା କରି ସଙ୍ଗେ ସଙ୍ଗେ ପରିଷ୍କାର କରୁଥିଲେ ଘର । ଆଖିଆଗରେ ନାଚିଯାଉଥିଲା ଏମିତି ଏକ ସାମ୍ୟ ସଦୃଶ ଦୃଶ୍ୟ ଉଷାଙ୍କ ଆଖିରେ । ନିଜେ ଆଣିଥିବା କପଟି ଭାଙ୍ଗିଯିବା ପରେ ଯେଉଁ ଉତ୍ତେଜନା ପ୍ରବଣ ଦୃଷ୍ଟାନ୍ତର ନିର୍ଜୀ ମୂକସାକ୍ଷୀ ସେ ନିଜେ, ନିଜ ଘରେ ନିଜ ଜିନିଷ ଭାଙ୍ଗି ଅପମାନିତ ହେଉଥିଲେ ।ସେ ଘର ପ୍ରତି ରହିଥିବା ଅନେକ ଲୋଭ, ମାୟା,ମୋହ , ବନ୍ଧନ ଆସ୍ତେ ଆସ୍ତେ କଟୁଥିଲା ନିଜ ମଣିଷମାନଙ୍କର ଆଚରଣ ଓ ଉଚ୍ଚାରଣରେ । ମନେ ପଡୁଥିଲା ନୂଆ ନୂଆ ବୋହୁ ହୋଇ ଆସିଥିବା ଝିଅର ଅନେକ ଭୁଲକୁ ସେ କ୍ଷମା କରିଦେଉଥିଲେ,ବତେଇବା ଶିଖେଇବା ପାଇଁ ଅଳ୍ପ କହିଲେ ସାତକଳ୍ପ ଦ୍ରୁମଟିଏ ସୃଷ୍ଟି ହୋଇ ଅହରହ ଦଂଶନ କରୁଥିଲା ଉଷାଙ୍କୁ ତ ସେ ବିଷ ଜ୍ୱାଳା ଭିତରେ ଅନେକ ଉପବିଷକୁ ସେ ଆକଣ୍ଠ ପାନ କରିନେଇ ନିଜ ମନର ମଣିଷ ବିହୁନେ ଜଡ଼ ଘରଟାକୁ କୋଉ ଭାବରେ, କୋଉ ସ୍ୱାର୍ଥରେ ଜାବୁଡି ଧରିଥାନ୍ତେ?? ସ୍ମୃତି କଲବଲ କରି ଛଟପଟ କରି ଜିଅନ୍ତା କୁଟୁକୁଟୁ କରି କାଟି ପକାଇଥାଆନ୍ତା ନାହିଁ ତାଙ୍କୁ ?? ଅନେକ ମଧୁର ସ୍ମୃତି ଛପିଯାଏ ସ୍ମୃତି ଠାରୁ ବାସ୍ତବ ଯେବେ ମହୁଘରା ହୁଏ କିନ୍ତୁ ବାସ୍ତବ ଯଦି ହଳାହଳ ବିଷ ହୁଏ,ସ୍ମୃତି ମରେନା ବରଂ ମାରେ, ଜୁଇରେ ଜଳିବା ପୂର୍ବରୁ ଜିଅନ୍ତାରେ, ସେଇଥିପାଇଁ ତ ତାଙ୍କ ପାଇଁ ଆଉ କାହା ପାଖରେ ସମୟ ନାହିଁର ଅଭାବବୋଧକୁ ହୃଦୟରେ ଅନୁଭବର ଶବ୍ଦସବୁକୁ କଏଦ କରି କଏଦୀ ଜୀନ ବିତାଇବା ଭିତରୁ,କେତେ ମଧୁର ସ୍ମୃତି ବହନ କରୁଥିବା ଘରଟିକୁ ଛାଡ଼ି ଆସିବାରେ ଦ୍ୱିଧା କରିନଥିବା ଉଷା ଆଜି ନିଜକୁ ଖୁବ ସ୍ୱାଧୀନ ମନେ କରନ୍ତି । ଜୀବନର ଗୋଟେ ପାଖକୁ ପରସ୍ତେ ପଡି ପଡି ଅନ୍ୟ ପାର୍ଶ୍ୱଟା ହାତଛଡା କରିସାରିଥିବା ଉଷାଙ୍କୁ ମିଳିଯାଇଛି ଉପଯୁକ୍ତ ସ୍ଥାନ, ଐଶ୍ବର୍ଗୀକ ଭାବନା ଭିତରେ, ଏକତା ସୂତ୍ରରେ,ସାମ୍ୟ ପ୍ରୀତି ମୈତ୍ରୀ ଭାବନା ଭିତରେ, ସ୍ୱାର୍ଥ ଓ ସର୍ତ୍ତ ଉର୍ଦ୍ଧରେ, ସେ ବଞ୍ଚିବେ ଜୀବନର ପରବର୍ତ୍ତୀ ପୃଷ୍ଠା ଗୁଡିକୁ ଓଲଟେଇବାକୁ ।

କିଏ ଜଣେ ଖବର ଦେଲେ ଉଷାଙ୍କୁ ଦେଖା କରିବାକୁ କେହି ସମ୍ବିକ ଉପସ୍ଥିତ । ବିସ୍ମୟରେ ଅଭିଭୂତ ଉଷାଙ୍କୁ ଆଶ୍ଚର୍ଯ୍ୟରେ ପକେଇ,ବାଗ୍ମୀ ଆସି କୁଣ୍ଢେଇ ପକେଇଥିଲା । ପୁଣି ସେହି ପୁରୁଣା କ୍ଷତ । ମମତତ୍ୱ ବନ୍ଧନର ନାଗଫାଶର ଆଉ ଏକ ପୃଷ୍ଠା ଏ ବାଗ୍ମୀ । ଝିଅଟିଏ ନଥିବାର ଦୁଃଖରେ ବିଗଳିତ ହେଲା ବେଳେ ନିଜ ଘର କାମବାଲୀର ମୃତ୍ୟୁ ପରେ ବାପା ମାଆ ଛେଉଣ୍ଡ ବାଗ୍ମୀକୁ ସେ ନିଜର କରିନେଇ ଥିଲେ । ପାଠ, ଶାଠ, ସଂଠଣା, ସଂସ୍କୃତି,ପରମ୍ପରାରେ ଦୀକ୍ଷିତ ବାଗ୍ମୀ ଅଧ୍ୟାପିକା ହେଲା ପରେ, ତା ନିଜ ପସନ୍ଦର ପୁଅ ସହିତ ବିବାହ କରାଇଥିଲେ ।ତାଙ୍କ ପୁଅ ବାହାଘର ପରେ ସମ୍ପର୍କରେ ଫାଟ । ସେହି ଆଦିମ ତୃଷା ଓ ତୃଷ୍ଣା ମଣିଷର । ତୋର ମୋର ଇତ୍ୟାଦି ଭାବନା,ରାକ୍ଷୀର ବନ୍ଧନକୁ ମଧ କାଟିଦେବା ପାଇଁ ପଛାଇ ନଥିଲା । କଷ୍ଟ ହେଲେ ବି ଦୂରେଇ ଦେଲେ ଝିଅକୁ ଉଷା । ବାପାଙ୍କ ଆବର୍ତ୍ତନ ପରେ ଶପଥ କରାଇ କହିଥିଲେ, ଆଉ ଆସିବୁନି ଏ ଘରକୁ । ମାଆ ହୃଦୟରେ ସେ କଥାର ଶବ୍ଦ ସବୁ ଏବେବି ଜୁଆର ଆଣିଲା ବେଳେ ଭଙ୍ଗା ପଡେ ସାମାଜିକ ଦୂରତାରେ, ବିବେକର ଆହ୍ୱାନରେ ହେଲେ ହୃଦୟର କୋଉ ଏକ କୋଣରେ ଶୁନ୍ୟସ୍ଥାନଟିଏ ଅହରହ ବତୀଟିଏ ପରି ମହମ ସରି ସରି ଆସୁଥିଲେ ବି ଜଳୁଥାଏ ଦିକ ଦିକ । ବାଗ୍ମୀ,ମାଆ ମୋର,ଯୋଉଠି ଥା ଭଲରେ ଥା । ଡାକ ପକେଇଲେ ସେହି ବାନ୍ଧବୀ, ଅଗ୍ନିରୂପାଙ୍କୁ, ଦେଖ ଭଉଣୀ ମୋ ଝିଅ ଆସିଛି । ବାଗ୍ମୀ କହୁଥିଲା ଆପଣ ବୁଝାନ୍ତୁ ମାଉସୀ,ମା ମୋ ସହ ଚାଲନ୍ତୁ । ମୋର ଶାଶୁ ଶଶୁର କେହି ନାହାଁନ୍ତି । ପୁଅ ଝିଅ ଆଇ ଅଜା ସ୍ନେହ ଶ୍ରଦ୍ଧା ଖୁରୁଛନ୍ତି । ମାଆ ତ ମତେ ପରିପୂର୍ଣ୍ଣତା ଦେଇଛନ୍ତି ମୋ ପୁଅ ଝିଅଙ୍କୁ ପୂର୍ଣ୍ଣତା ଦେବାରେ କାର୍ପଣ୍ୟ କାହିଁକି?? ସେମାନଙ୍କ ହୃଦୟରେ ଶୁନ୍ୟତା ସ୍ଥାନରେ ସ୍ନେହ ଶ୍ରଦ୍ଧା, ମମତା ଅଜାଡି ଦେବାର ଆହ୍ୱାନ ପ୍ରତ୍ୟାଖ୍ୟାନ କରନ୍ତୁ ନାହିଁ ମାଆ, ଆପଣ ବୁଝାନ୍ତୁ ମାଉସୀ ।ଦୁହେଁ ସାଙ୍ଗ ହୋଇ ଚାଲନ୍ତୁ ମୋ ସହ । ଆଈ ଓ ଜେଜେମା ହେବାର ସୌଭାଗ୍ୟ ଟିକକ ମୋ ପିଲାଙ୍କୁ ଦେବାରେ କୁଣ୍ଠିତ ହୁଅନ୍ତୁ ନାହିଁ । ଦୁଇ ବାନ୍ଧବୀ ଚାହିଁଲେ ପରସ୍ପର ମୁହଁକୁ । ଉଷା ଭାବୁଥିଲେ ପୁଣି ସେହି ମୋହ ମାୟା?? ଜୀବନ ଯୁଦ୍ଧରେ ଏ ଦୁଇ ଅସ୍ତ୍ର ମଣିଷକୁ ଧ୍ୱସ୍ତ କରେ କାହିଁକି??ନା, ଆଉ ନୁହେଁ, ପୁଣି ସେଇ ସ୍ୱାର୍ଥ ଓ ସର୍ତ୍ତ ଭିତରେ ପେଷି ହେବା ଦରକାର ନାହିଁ ।ଅଗ୍ନିରୂପା କିନ୍ତୁ ପ୍ରସ୍ତୁତ । ତାଙ୍କ ଦର୍ଶନରେ ଝିଅଟିଏର ଅଭାବବୋଧର ଠିକଣା ଏଯାଏଁ ଖୋଜା ଚାଲିଛି । ମାୟାମୃଗ ପଛରେ ଗୋଡ଼ାଉ ଗୋଡ଼ାଉ ଜଳର ସନ୍ଧାନରେ ସେ ଆଜି ଉଲ୍ଲସିତ । ଆତ୍ମବିଭୋର । ବାଗ୍ମୀ କହୁଥିଲା ମାଉସୀ ପ୍ରସ୍ତୁତ, ତୁମେ ଚାଲନା ମାଆ । ଉଷା ସ୍ଥିର ଅବିଚଳିତ । ଅନେକ ଶବ୍ଦର ସମାହାର ହୃଦୟ ସମୁଦ୍ର ବେଳାରେ ମଥା ପିଟୁଥିଲେ ମଧ ପରିସ୍ଫୁଟନ ହେଉନଥିଲା । ଦ୍ୱନ୍ଦ କଳାଭଉଁରୀ ଭିତରେ ନିଜକୁ ଭାରି ଅସହଜ ଲାଗୁଥିଲା ଏଣିକି ମିଠା ଶବ୍ଦ ଗୁଡାକ । ହାରିଯିବାକୁ ଇଛା ନାହିଁ । ଜରା ଆଶ୍ରମ ପରିସରରେ ଜଗନ୍ନାଥଙ୍କ ପାଖରେ ଜଳୁଛି ଦୀପ, ଆଜି ତାଙ୍କ ପାଳି । ସେ ସ୍ୱର୍ଗୀୟ କାର୍ଯ୍ୟ ରହିତେ ପୁଣି ମାୟା ବନ୍ଧନ କାଟି ଫେରିବାର ଅଧା ଅଧା ଇଛା ଭିତରେ, ଅଗ୍ନିରୂପା କହୁଥିଲେ, ମୁଁ ପ୍ରସ୍ତୁତ ଝିଅ, ଆଶ୍ରମର ରୀତି ନୀତି ଭିତରୁ ଅଗ୍ନିରୂପାଙ୍କୁ ମୁକୁଳେଇ ବାଗ୍ମୀ ତାଙ୍କ ବ୍ୟାଗ ସବୁକୁ ଗାଡିରେ ରଖିଲା ବେଳେ କଇଁ କଇଁ ହୋଇ କାନ୍ଦୁଥିଲା । ଅନେକ ଶବ୍ଦକୁ ଭାଷାରେ ପରିପ୍ରକାଶ ନକରି ଉଷା ଜଗନ୍ନାଥଙ୍କ ଦୀପ ତେଜି ଚାଲିଥିଲେ କେବଳ ।

ପତ୍ତୁ ପତ୍ତୁ ନିଦ ଲାଗିଯାଇଥିବା ଅନିମେଷ ଟ୍ରେନ ଶବ୍ଦରେ ଉଠୁ ଉଠୁ ଭାବୁଥିଲା ଝିଅ ଓ ମାଆଙ୍କ ସମ୍ପର୍କର ମହାନତା ।ପୁଣି ନିଜକୁ ପ୍ରସ୍ତୁତ କରୁଥିଲା ପୁଅର କର୍ତ୍ତବ୍ୟ ପାଇଁ ଆଉ ପ୍ରଶ୍ନ ଉଠୁଥିଲା ଅଗ୍ନିରୂପା ମାଉସୀ, ବାଗ୍ମୀ ସାଙ୍ଗରେ ଯିବାର ମାନେ କଣ ହୋଇପାରେ?? ପୁଣି ହସି ହସି ବୁଝିଯାଇଥିଲା ତାଙ୍କର ନିଜ ଝିଅ ନଥିବା ଅଭାବବୋଧର ମୂଲ୍ୟବୋଧ ଭିତରେ, ବାଗ୍ମୀର ପିଲାମାନଙ୍କ ଜେଜେମା ହେବା ଏକ ବୈପ୍ଳବିକ ଆହ୍ୱାନ ଥିଲା, ଯାହା ଅଗ୍ନିରୂପା ମାଉସୀ ବୁଝିଯାଇଥିଲେ ।ହାତଘଣ୍ଟାକୁ ଚାହିଁ ଅନିମେଷ ଗଳ୍ପ ଭିତରେ ହଜିନଯାଇ ଏଥର ଅଟୋ ଡାକିବାକୁ ପ୍ରସ୍ତୁତ ହେଲାବେଳେ ଭଉଣୀ ଓ ତା ଦୁଇ ପିଲାଙ୍କ ସହ ଭିଣୋଇଙ୍କ ସାହାସ୍ୟ ବଦନ ମନେପଡୁଥିଲା ।ମନେ ପଡୁଥିଲେ ମଧ ମାଆ ।

**ସାକ୍ଷୀଗୋପାଳ, ପୁରୀ**

# ଗୋପବନ୍ଧୁଙ୍କ ସ୍ୱଦେଶପ୍ରୀତି ଓ ଜାତୀୟତାବାଦ

ପୁଣ୍ୟଶ୍ଳୋକ ଉତ୍କଳମଣି ଗୀପବନ୍ଧୁ ଦାସ ( ୧୮୭୭–୧୯୨୮) ସମଗ୍ର ଉତ୍କଳ ଭୂମିରେ ନବଜାଗରଣ, ନବ ସ୍ପନ୍ଦନ ଓ ନବାଲୋକର ବିପୁଳ ପ୍ଲାବନ ଖେଳାଇ ଦେବା ଉଦ୍ଦେଶ୍ୟରେ ୧୯୦୯–୧୦ ଖ୍ରୀଷ୍ଟାବ୍ଦରେ ସତ୍ୟବାଦୀ ଠାରେ ଏକ ବନ ବିଦ୍ୟାଳୟ ସ୍ଥାପନ କରିଥିଲେ । ତାଙ୍କୁ ଏଥିରେ ଯେଉଁ ଯଶସ୍ୱୀ ବ୍ୟକ୍ତିବିଶେଷ ମାନେ ସହଯୋଗ କରିଥିଲେ। ସେମାନେ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ଆଚାର୍ଯ୍ୟ ହରିହର ଦାସ । ପରେ ସେମାନଙ୍କ ସହ ଯୋଗ ଦେଇଥିଲେ ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ପଣ୍ଡିତ ବାସୁଦେବ ମହାପାତ୍ର । ଏହି ସମସ୍ତ ସଦସ୍ୟ ପ୍ରାଜ୍ଞ, ବିଜ୍ଞ, ଉଚ୍ଚଶିକ୍ଷିତ, ଜ୍ଞାନୀ ଓ ପଣ୍ଡିତ ପଣ୍ଡିତ ଗୋପବନ୍ଧୁ କବି ଓ ଲେଖକ ଥିବାବେଳେ, ନୀଳକଣ୍ଠ ଥିଲେ କବି, ନାଟ୍ୟକାର, ଗାଳ୍ପିକ, ଓ ଔପନାସିକ, ପଣ୍ଡିତ କୃପାସିନ୍ଧୁ ଥିଲେ। ଐତିହାସିକ, ଆଚାର୍ଯ୍ୟ ହରିହର ଥିଲେ ସମାଜସେବୀ ଓ ବେଦ–ଉପନିଷଦାଦି ପ୍ରାଚୀନ ସାହିତ୍ୟ ବିତ୍ , ପଣ୍ଡିତ ବାସୁଦେବ ଥିଲେ ପ୍ରାବନ୍ଧିକ ଓ ଲିଙ୍ଗରାଜ ଥିଲେ ଶାସ୍ତ୍ରଜ୍ଞ ପଣ୍ଡିତ । ଉପରୋକ୍ତ ଏହି ଛଅ ପ୍ରାଣଙ୍କ ସଙ୍ଗମରେ ସାହିତ୍ୟ ସୃଷ୍ଟିର ପ୍ରଧାନ ଆଭିମୁଖ୍ୟ ଥିଲା ଜାତୀୟତା, ସ୍ୱଦେଶପ୍ରୀତି, ସମାଜ ସଂସ୍କାର ଓ ଜନତାଙ୍କ ସେବା ସେମାନେ ଯେଉଁ ଜାତୀୟତା ଭାବ ଦ୍ୱାରା ଉଦ୍‌ବୁଦ୍ଧ ହୋଇଥିଲେ , ତାହା ଗୋଟିଏ ମୁହୂର୍ତ୍ତର ଆକସ୍ମିକ ସ୍ଫୁରଣ ନୁହେଁ, ବହୁ ବର୍ଷର ପୁଞ୍ଜୀଭୂତ ଅସନ୍ତୋଷର ଆତ୍ମପ୍ରକାଶ। ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡିଶା ଇଂରେଜ ସରକାରଙ୍କ ଶାସନାଧୀନ ହୋଇଥିଲା। ସେହି ସମୟରୁ ୧୯୦୩ ସ୍ୱଉତ୍କଳ ସମ୍ମିଳନୀଦଗଠନ ହେବା ପର୍ଯ୍ୟନ୍ତ ସୁଦୀର୍ଘ ଏକଶତ ବର୍ଷ ବ୍ୟାପୀ ଅନ୍ୟାୟ, ଅତ୍ୟାଚାର, ଶୋଷଣ, ନସ୍ପେଷଣ ଓଡିଆ ଜାତିର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ଇଂରେଜ ସରକାରର ଚରମ ଅବହେଳାରୁ ଜାତ ନଅଙ୍କ ଦୁର୍ଭିକ୍ଷ ୧୮୬୬ ସମଗ୍ର ଓଡିଆ ଜାତିକୁ ଘୋର ଆର୍ଥିକ ଅନାଟନ ମଧ୍ୟକୁ ଠେଲି ଦେଇଥିଲା। ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ୱପ୍ନ ଥିଲା। ଓଡିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣରେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ତାହାର କଳେବର ବୃଦ୍ଧି । ଉତ୍କଳ ସମ୍ମିଳନୀ ମଞ୍ଚରୁ ଯେଉଁ ଉଗ୍ର ଜାତୀୟତାର ଅଭ୍ୟୁଦୟ ହେଲା, ତାହାର ନେତୃତ୍ୱ ନେଇଥିଲେ। ପଣ୍ଡିତ ଗୋପବନ୍ଧୁ ଦାସ ୧୯.୪.୧୯୧୯ ରେ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନରେ ସଭାପତିତ୍ୱ କରିବା ସମୟରେ ସେ ଯେଉଁ ଦୀର୍ଘ ତଥା ଭାବୋଦ୍ଦୀପକ ଭାଷଣ ଦେଇଥିଲେ, ସେଥିରୁ ତାଙ୍କର ଏକ ସ୍ପଷ୍ଟ ଜାତୀୟତାର ଚିତ୍ର ମିଳେ। ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଜାତୀୟ ଜାଗରଣ ବୋଲି ସେ ନିଜ ଅଭିଭାଷଣରେ ବ୍ୟକ୍ତ କରିଥିଲେ।

ଗୋପବନ୍ଧୁଙ୍କ କବିତାରାଜି ତାଙ୍କ ସ୍ୱଦେଶପ୍ରୀତିର ନିର୍ଭୀକସଂଳାପ ଜାତୀୟ ଜୀବନକୁ ସଂଗଠିତ ଓ ସୁନିୟନ୍ତ୍ରିତ କରିବା ଲକ୍ଷରେ ହିଁ ତାଙ୍କର କାବ୍ୟ–ସାଧନା, ତାଙ୍କ କବିତା ବହୁ କାବ୍ୟସ୍ୱରର ସୁନ୍ଦର ସମନ୍ୱୟ ହୋଇଥିଲେହେଁ ଏହାର ମୁଖ୍ୟ କାବ୍ୟସ୍ୱର ସ୍ୱଦେଶପ୍ରୀତି ତାଙ୍କର କାରାକବିତାରେ ସଂଯୋଜିତ । ପିତୃପକ୍ଷ ତର୍ପଣ, ବନ୍ଦୀର ସ୍ୱଦେଶ ଚିନ୍ତା, ବନ୍ଦୀର ସଂଧ୍ୟା ଭାବନାଦ ଇତ୍ୟାଦି କବିତାରେ ତାଙ୍କର ଗଭୀର ସ୍ୱଦେଶପ୍ରୀତି ଦେଦୀପ୍ୟମାନ ନିଜ ଦେଶବାସୀ ଜାତୀୟତାରେ ଉଦ୍‌ବୁଦ୍ଧ ହେଉ ନଥିବାରୁ ଏବଂ ଜନନୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ଗରୀୟସି ବୋଲି ଅନୁଭବ ନକରୁଥିବାରୁ ସେ ନିଜର ତର୍ପଣ ସମୟରେ ପିତୃପୁରୁଷଙ୍କୁ ତାଙ୍କ ମନୋବ୍ୟଥା ଜଣାଇ ଲେଖିଛନ୍ତି ' ଜନନୀ ଜନ୍ମଭୂମୀ ସ୍ୱର୍ଗୁ ଗରୀୟସୀ / ଗାଇଲେ ଯେ ପୁଣ୍ୟଶ୍ଳୋକ ସୁକବି ମହର୍ଷି । ନ ବୁଝେ ମହତ୍ତ୍ୱ ତାର ତବ କୁଳୋଦ୍ଭବ, ନକରେସେ ଦେଶପ୍ରେମ ପ୍ରାଣେ ଅନୁଭବ' ଖଣ୍ଡଗିରି ଠାରେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ଷର ଖାରବେଳଙ୍କ କୀର୍ତ୍ତିରାଜିର ଭୂୟସୀ ପ୍ରଶଂସାକରି ଦେଶପ୍ରେମୀ କବି ଗାଇ ଉଠିଛନ୍ତି ' ବାଜେ ବିରବାଜା /କାହିଁ ରଣସଜ୍ଜା, କାହିଁବା ଲାଗିଛି ଗୁପ୍ତ ମନ୍ତ୍ରଣା, /ଦୂରଦେଶୁଁ ଦୂତ–ବିଜୟ–ବାରତା / ଘେନି ଆସି କରେ ଛାମୁରେ ଜଣା' । ମହାକାଳ ଆଜି ସେସବୁ କୀର୍ତ୍ତିରାଜିକୁ ଅକ୍ଷୁର୍ଣ୍ଣ ରଖିନାହିଁ କିନ୍ତୁ ଖଣ୍ଡଗିରି ଆଜି ନିଜର ଜୀର୍ଣ୍ଣ କଳେବର ଧରି ଦଣ୍ଡାୟମାନ ମାତ୍ର ସମୟ କ୍ରମେ କଳିଙ୍ଗ ସନ୍ତାନ ତା'ର ପୂର୍ବ ଗୌରବ ବିସ୍ମୃତ ହୋଇଅଛି । ଏଥିରେ କବି ମ୍ରୀୟମାନ ହୋଇ ପୂର୍ବପୁରୁଷଙ୍କ ଗୌରବମୟ ଅତିତ ପ୍ରତି ଉତ୍କଳ ବାସୀଙ୍କ ଦୃଷ୍ଟି ଆକର୍ଷଣ କରି ସେମାନଙ୍କ ମନରେ ଦେଶପ୍ରିତି ଉଦ୍ରେକ କରାଇବା ପାଇଁ ତାଙ୍କ ଭାଷାରେ–' ମହାକାଳ ନୀରେ ବୁଦ୍ ବୁଦ୍ ପରାଏ / ଼ଇଅଛି ମିଶି କଳିଙ୍ଗ ଭୂତି,' କଳିଙ୍ଗ ସନ୍ତାନ ଭୁଲିଛନ୍ତି ଏବେ / କଳିଙ୍ଗର ନାମ ଗୌରବ ସ୍ମୃତି' ପୂର୍ବ କୀର୍ତ୍ତିରାଜିର ପୁନରୁଦ୍ଧାର ରେ ଜୀବନକୁ ନିୟୋଜିତ କରିପାରିଲେ ମଣିଷ ଜନ୍ମ ସାର୍ଥକ ହେବ ବୋଲି ପ୍ରକାଶ କରି ଉତ୍କଳ ବାସୀଙ୍କୁ ସଂସ୍କୃତି ସଚେତନ କରାଇବା ସଙ୍ଗେ ସଙ୍ଗେ ଜାତୀୟପ୍ରୀତିରେ ଉଦ୍‌ବୁଦ୍ଧ କରାଇ ଲେଖିଛନ୍ତି:' ପୁଣ୍ୟ ଜନ୍ମମାଟି ପୁଣ୍ୟ ଦେବାଳୟ / ଉଦ୍ଧରିବା ପାଇଁ କଲେ ତନୁକ୍ଷୟ / ମାନବ ଜୀବନ ହୁଅଇ ସଫଳ / ଏ ମହାଦୀକ୍ଷା କି ବୁଝିବ ଉତ୍କଳ' (ବନ୍ଦୀର ଆମକଥା)

ରେଳ ଉପରୁ ଚିଲିକା ଦର୍ଶନ କାଳରେ ଚିଲିକାର ଅପରୁପ ଶୋଭା ଦର୍ଶନ କରି ସେ ଆମହରା ହୋଇ ଉତ୍କଳର ଗୌରବାବହ ଇତିହାସକୁ ମନରେ ଆଣି ଗାଇ ଉଠିଛନ୍ତି ' ନିଜେ ଜଗନ୍ନାଥ ଜଗତ ଈଶ୍ୱର / ଧରିଣ ସୈନିକ ନର କଳେବର/ ଉତ୍କଳର ଯଶ ପ୍ରତିଷ୍ଠା ରକ୍ଷଣେ / ବିଜେ କଲେ ଘୋର ସମର ପ୍ରାଙ୍ଗଣେ' ଗୋପବନ୍ଧୁ ବାକ୍ୟବୀର ନଥିଲେ ଥିଲେ, କର୍ମବୀର ଦେଶବାସୀଙ୍କ ମୁକ୍ତି ପାଇଁ ହସି ହସି କାରାବରଣ କରିବା ସଙ୍ଗେ ସଙ୍ଗେ ନିଜ ଜୀବନକୁ ଦେଶ ପାଇଁ ଉତ୍ସର୍ଗ କରି ଉଦାତ୍ତ କଣ୍ଠରେ ଗାଇଛନ୍ତି–'' ମିଶୁ ମୋର ଦେହ ଏ ଦେଶ ମାଟିରେ

ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।

ଦେଶର ସ୍ୱରାଜ–ପଥେ ଯେତେ ଗାଡ ପୁରୁତହିଁ ପଡି ମୋର ମାଂସ ହାଡ ( ବନ୍ଦୀର ଆତ୍ମକଥା) ଭାଷା ଜାତିୟତାର ଏକ ପ୍ରଦାନ ଉପାଦାନ ଭାଷା ମାଧମରେ ଦେଶ, ଜାତି ଓ ସମାଜର ଭୂୟୋବିକାଶ ସାଧିତ ହୋଇପାରିବାର ବିଶ୍ୱାସର ବଶବର୍ତ୍ତୀ ହୋଇ ସେ ନିଜର କର୍ମ ଓ ଚିନ୍ତାଧାରା ଠାରୁ ସାହିତ୍ୟର ଭାଷାକୁ ପୃଥକ କରିନାହାଁନ୍ତି ତାଙ୍କ ସାହିତ୍ୟର ଭାଷା ତାଙ୍କ ପ୍ରାଣର ଭାଷା ନହୋଇ ଓଡିଆଙ୍କ ପ୍ରାଣର ଭାଷା ଭାବେ ପରିଚିତ ଗୋପବନ୍ଧୁ ଥିଲେ ମହାତ୍ମା ଗାନ୍ଧୀଙ୍କର ପଟ୍ଟଶିଷ୍ୟ ମହାତ୍ମା ଗାନ୍ଧିଙ୍କ ଭଳି ତାଙ୍କ ଚରିତ୍ର ଓ ବ୍ୟକ୍ତିତ୍ୱ ଆଧ୍ୟାମିକ ସଂସ୍କୃତି ଉପରେ ବିକଶିତ ହୋଇଥିଲା। ତେଣୁ ତାଙ୍କ ଜାତିପ୍ରୀତି ଥିଲା ଈଶ୍ୱର କୈନ୍ଦ୍ରିକ, ସେ ନିଜର ଅଭିଭାଷଣରେ କହିଥିଲେ– 'ମୋର ବିଶ୍ୱାସ, ଧର୍ମ ବଳରେ ବଳୀୟାନ ନହେଲେ ଆମ୍ଭମାନଙ୍କର ଦେଶାନୁରାଗ ଓ ଜାତୀୟତାରେ କୌଣସି ଶକ୍ତି ନାହିଁ' । ଦେଶରେ ଚାଲିଥିବା ସ୍ୱରଜ୍ୟ ଆନ୍ଦୋଳନକୁ ସତ୍ୟପଥରେ ଓ ଧର୍ମପଥରେ ପରିଚାଳିତ କରୁଥିଲେ ମହାତ୍ମାଗାନ୍ଧି ଓ ଗୋପବନ୍ଧୁ ଥିଲେ ତାଙ୍କର ଅନୁଗାମୀ ଜୀବନରେ ସେ ଶତ ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ୍ୟ ଅଧିର ନହୋଇ ନିଜ ସମ୍ମୁଖରେ ଜଗନ୍ନାଥଙ୍କୁ ରଖି ନିଜ କର୍ତ୍ତବ୍ୟ ପଥରେ ଆଗେଇବା ସହ ଉତ୍କଳବାସୀଙ୍କୁ ଧୈର୍ଯ୍ୟ ନ ହରାଇ ଜଗନ୍ନାଥଙ୍କ ଉପରେ ଆସ୍ଥା ରଖିବାକୁ ସାନ୍ତ୍ୱନାବାଣୀ ଶୁଣାଇ କହିଛନ୍ତି – ' ନୀଳାଚଳ ନାଥ ପ୍ରଭୁ ଶ୍ରୀନିବାସ / ପୁରାଇବେ ଆଶା ରଖ ଏ ଭରସା' ନିଜର କାରା କବିତା: ନିତ୍ୟ ଧାମ ନୀଳାଚଳ ଧାମ ରେ ସେ ଲେଖିଛନ୍ତି 'ନାହିଁ ଜାତି ଭେଦ ନାହିଁ ଧର୍ମ ଭେଦ, ସମ୍ୟ ମୈତ୍ରୀ ମନ୍ତ୍ର ଗାଏ ଯାର ବେଦ / କି କରିବ ଭବେ – ଦେବତା ମାନବେ' ନୀଳାଚଳେ ତାର ପ୍ରବେଶ ନିଷେଧ ।'

ଗୋପବନ୍ଧୁ କାରାଗାରରେ ଥିଲାବେଳେ ଉତ୍କଳବାସୀ କାଳେ ନିଜକୁ ନେତା ବିହୀନ ମନେ କରିବେ, ସେଥିପାଇଁ ସ ଆଶ୍ୱାସନା ଦେଇ କହିଛନ୍ତି ଯେ ସ୍ୱରାଜ୍ୟ ଲଢାଇ ଧର୍ମର ଲଢେଇ, ଏଥିରେ ନେତାର ଆବଶ୍ୟକତା ନାହିଁ ପୁଣି ଯେଉଁ ଉତ୍କଳର ନେତା ସ୍ୱୟଂ ନରାୟଣ ବା ଜଗନ୍ନାଥ, ସେଠାରେ ଅନ୍ୟ ନେତାର ଆଦୌ ଅନୁଭୂତ ହେବା କଥା ନୁହେଁ । ଏହି ମର୍ମରେ ଉତ୍କଳ ବାସୀଙ୍କୁ ଆଶ୍ୱାସନା ଦେଇ ଲେଖିଲେ– ନଅଟକେ କର୍ମ ନେତାର ଅଭାବେ, ଧର୍ମ ନାବ ଚଳେ ଧର୍ମର ପ୍ରଭାବେ । ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ, ଉତ୍କଳର ନେତା ନିଜେ ନାରାୟଣ' ପୁଣି ତତ୍ରୈବ ରେ କହିଲେ 'ଏବେ ନୀଳାଚଳେ ବିଜେ ଜଗନ୍ନାଥ / ତେବେ କୁହ କିମ୍ପା ଉତ୍କଳ ଅନାଥଦ ତାଙ୍କର ଜାତୀୟ ପ୍ରୀତି ଉତ୍କଳର ସଂକୀର୍ଣ୍ଣ ଗଣ୍ଡି ମଧରେ ଆବଦ୍ଧ ହୀଇ ରହିନାହିଁ, ତାଙ୍କ ଉତ୍କଳଙ୍କୟଛଙ୍କ ଭିତରେ ମହାଭାରତୀୟତା ଓ ବିସ୍ୱଜନୀନତା ଉପେକ୍ଷିତ ହୋଇନାହିଁ ଗୋପବନ୍ଧୁଙ୍କ ବିଚାରରେ ଜାତୀୟ ମମତା ଓ ବିଶ୍ୱଜନପ୍ରୀତି ମଧ୍ୟରେ ଆଦୌ ବ୍ୟବଧାନ ନାହିଁ । ତାଙ୍କର ବିଶ୍ୱଭାବର ଆବେଗମୟ ଅଭିବ୍ୟକ୍ତି ଫୁଟିଉଠିଛି ବ୍ରାହ୍ମଣ ସମିତି ଛାତ୍ରାବାସରେ ସମବେତ ବ୍ରାହ୍ମଣ ଛାତ୍ରମାନଙ୍କ ପ୍ରତି ଉଦ୍ଦିଷ୍ଟ ଉଦ୍‌ବୋଧନରେ ' ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ, ବିଶ୍ୱହିତର ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ । ସର୍ବେ ଆମେ ଏକ ଈଶ୍ୱର ସନ୍ତାନ / ସାଧ ବିଶ୍ୱ ହିତ ତେଜି ଅଭିମାନ' ( ଅବକାଶ ଚିନ୍ତା)

ଉତ୍କଳାନୁରାଗ ବିଶ୍ୱପ୍ରୀତିର ଅନ୍ତରାୟ ନୁହେଁ ବରଂ ଏହା ବିଶ୍ୱପ୍ରୀତିର ଆଭାସ ମାତ୍ର ଏହି ମର୍ମରେ ଗୋପବନ୍ଧୁ 'ଆଦର୍ଶ ଓ ଆକାଂକ୍ଷା' ଶୀର୍ଷକ ସତ୍ୟବାଦୀ ପତ୍ରିକାର ପ୍ରଥମ ସମ୍ପାଦକୀୟ ଆଲୋଚନାରେ ନିଜ ମତବ୍ୟକ୍ତ କରି ଲେଖିଛନ୍ତି– ବିଶ୍ୱପ୍ରୀତିର ବିରୋଧ ନୁହେଁ, ବରଂ ବିଶ୍ୱପ୍ରୀତି ବୀହିନ ପ୍ରାଣରେ ଜାତୀୟତା ଏବଂ ସ୍ୱଦେଶବାତ୍ସଲ୍ୟ ଅସମ୍ଭବ ପୂର୍ବପୁରୁଷ ମାନଙ୍କର ପଥ ଏ କ୍ଷେତ୍ରରେ ଆମ୍ଭମାନଙ୍କର ଅନୁସରଣୀୟ ।' ଗୋପବନ୍ଧୁ ଥିଲେ ନିରଳସ ସଂଗ୍ରାମୀ, ଆଟୋପ ଅଧଙ୍ମର ହୀନ ବିପ୍ଳବୀ ତାଙ୍କ ସଂଗ୍ରାମ ତଥା ବିପ୍ଳବ ଉଦାର ମାନବିକତା ଓ ନିଷ୍କପଟ ଜାତିପ୍ରୀତି ଉପରେହିଁ ପ୍ରତିଷ୍ଠିତ, ଆଧ୍ୟାମିକ ସଂସ୍କୃତି ଭିତିରେ ବିକଶିତ ତାଙ୍କ ଜାତିପ୍ରୀତି ଥିଲା ଈଶ୍ୱର କୈନ୍ଦ୍ରିକ ଓ ଭଗବତ୍ ଶକ୍ତିରୁ ଉତ୍ସାରିତ ତେଣୁ ତାଙ୍କ ଜୀବନତନ୍ତ୍ରୀରେ କେବଳ ଉତ୍କଳରବ । ଭାରତର ନୁହେଁ ସାରା ବିଶ୍ୱର ଝଙ୍କାର ଅନୁରଣିତ ଏହି ମହୋଚ୍ଚ ଚେତନାର ବାଂମୟ ପରିପ୍ରକାଶ ଓ ତାଙ୍କ ସାହିତ୍ୟ ସମଗ୍ର ମାନବ ସମାଜକୁ ଚିର ଭାସ୍ୱର ଓ ଉଦ୍‌ବୁଦ୍ଧ କରିବ ତାଙ୍କ ଜାତୀୟତା ବାଦ ଓ ସ୍ୱଦେଶପ୍ରୀତି ତାଙ୍କୁ ଚିର ଅମର କରି ରଖିବ ଆଜିର ଏହି ମହାର୍ଗ ଶ୍ରାଦ୍ଧ ଦିବସରେ ଏ ନଗଣ୍ୟ ଲେଖକର ଭକ୍ତିପୁତ ପ୍ରଣତି ।

**ଉମାଶଙ୍କର ପ୍ରସାଦ,**
**ସ୍ତମ୍ଭକାର ଖୋର୍ଦ୍ଧା**

# ବିଭିନ୍ନ ସମସ୍ୟାରେ ଖାତିଗୁଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
## ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ ସତ୍ତ୍ୱେ କିଛି ଫଳ ମିଳୁନି




ତେନ୍ତୁଲିଖୁଣ୍ଟି,୨।୭ (ଆନିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକବ ବିଦ୍ୟାଳୟ ବିପଦପୂର୍ଣ୍ଣ ଅବସ୍ଥାରେ ରେ ରହିଛି । ବିଗତ ବର୍ଷ ଛୁଟି ଥିବା ସମୟରେ ରାତିରେ ପୁରୁଣା ଶ୍ରେଣୀ ଗୃହ ର କାଠ ବୋଲା ତଳେ ପଡ଼ିଯାଇଥିବା ଦେଖିବାକୁ ମିଳିଥିଲା। ରାତି ରେ ହୋଇ ଥିବାରୁ ଏକ ବିପଦ ରୁ ଛାତ୍ର ଛାତ୍ରୀ ବଞ୍ଚି ଯାଇଥିଲେ। ଯଦି ଦିନରେ ଛାତ୍ର ଛାତ୍ରୀ ଙ୍କ ଉପରେ ପଡିଥିଲେ କିଏ ଦାୟୀ ଓ କ୍ଷତି ର ଭରଣା କିଏ କରିଥାନ୍ତା ବୋଲି ପ୍ରଶ୍ନ କରିଥିଲେ କମିଟି। ଉଇ ଲାଗିଥିବାରୁ ସିନା ପୁରୁଣା ଶ୍ରେଣୀଗୃହ କୋଠାର ବଲା ପଡ଼ିଲା, ସମସ୍ତ ପୁରୁଣା ଶ୍ରେଣୀ କକ୍ଷ ର କାନ୍ଥ ଓ ଛାତ ର ପ୍ଲାଷ୍ଟର ଛାଡି ଯାଇଥିବା ଦେଖିବାକୁ ମିଳୁଛି । ତୁରନ୍ତ ଏହି ସ୍କୁଲ ରେ ନୂତନ କୋଠା ସହ ବିଦ୍ୟାଳୟ ର ଛାତ୍ରଛାତ୍ରୀ ସୁରକ୍ଷିତ ସ୍ଥାନରେ ରଖି ପାଠ ପଢା ଯାଉ ବୋଲି ଖାତିଗୁଡା ଗ୍ରାମ ବାସୀ ଓ ସ୍କୁଲ କମିଟି ବିଡ଼ିଓ ମନୋଜ ପାଣିଗ୍ରାହୀ ଓ ବ୍ଲକ ଶିକ୍ଷାଧିକାରୀ ଙ୍କୁ ଦାବୀ ଜଣାଇଥିଲେ ମଧ ବର୍ଷା ଦିନ ଆସି ଯାଇଛି କିନ୍ତୁ ନା ନୂତନ ଶ୍ରେଣୀଗୃହ ନିର୍ମାଣ ହେଲା ନା ପାଣି ଗଳୁଥିବା ଶ୍ରେଣୀଗୃହ ମରାମତି ହେଲା। ଏପଟେ ବିଦ୍ୟାଳୟ ର ଜମି କୁ କିଛି ବ୍ୟକ୍ତି ନିଜସ୍ୱ ଜମି କହି ପାଚେରୀ ନିର୍ମାଣ ଆରମ୍ଭ କଲେଣି,ଏ ନେଇ ବିଦ୍ୟାଳୟ କମିଟି ଓ ଗ୍ରାମବାସୀ କର୍ତ୍ତୁପକ୍ଷ ଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବିଦ୍ୟାଳୟ ର ଶ୍ରେଣୀ କୋଠରି ସମସ୍ୟା ନେଇ ବ୍ଲକ ପ୍ରଶାସନ ଠୁଁ ଆରମ୍ଭ କରି ବ୍ଲକ ଶିକ୍ଷାଧିକାରୀ ଙ୍କୁ ବିଦ୍ୟାଳୟ ର ପୂର୍ବପ୍ରଧାନ ଶିକ୍ଷକ ବର୍ତ୍ତମାନ ପ୍ରଧାନ ଶିକ୍ଷକ ଅବଗତ କରାଇ ଛନ୍ତି। ବର୍ଷା ଦିନେ ପାଣି ଗଳି ବସିବା ପାଇଁ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି। ଶିଶୁ ବାଟିକା ରୁ ଅଷ୍ଟମ ଶ୍ରେଣୀ ନଅ ଟି ଶ୍ରେଣୀ ର ପ୍ରାୟ ୧୬୨ ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ତିନି ଟି ଶ୍ରେଣୀ କକ୍ଷରେ ବସି ପଢିବାକୁ ବାଧ ହେଉଛନ୍ତି। ସେପଟେ ସାଧାରଣ ନିର୍ବାଚନ ହେଉ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏହି ବିଦ୍ୟାଳୟର ତିନି ଗୋଟି ବୁଥ ହେଉଛି । ଭୋଟର ଙ୍କ ସୁରକ୍ଷା ଦୃଷ୍ଟିରୁ ତଥା ଛାତ୍ର ଛାତ୍ରୀ ଙ୍କ ହିତ ପାଇଁ ତୁରନ୍ତ ସମସ୍ୟା ର ସମାଧାନ ଜରୁରୀ। ନଅ ଟି ଶ୍ରେଣୀ ପାଇଁ ମାତ୍ର ଚାରି ଜଣ ଶିକ୍ଷକ ଶିକ୍ଷୟତ୍ରୀ ରହିଛନ୍ତି ,ଶ୍ରେଣୀ ଗୃହ ସମସ୍ୟା ମଧ୍ୟରେ ଚାରି ଜଣ ନଅ ଟି ଶ୍ରେଣୀ ବିଦ୍ୟାର୍ଥୀ ଙ୍କୁ ପଢ଼ାଇବା କଷ୍ଟକର ହେଉଥିବା ଦୃଷ୍ଟି ଗୋଚର ହେଉଛି।

ଛାତ୍ର ଛାତ୍ରୀ ଅନୁପାତରେ ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମ ବାସୀ ବ୍ଲକ ଶିକ୍ଷାଧିକାରୀ ଙ୍କୁ ଅବଗତ କରିଥିଲେ ମଧ ଫଳ କିଛି ମିଳୁନି।


ବିଡ଼ିଓ ମନୋଜ ପାଣିଗ୍ରାହୀ ଙ୍କୁ ପଚାରିବାରୁ କହିଲେ ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ଚଳିତ ଆର୍ଥିକ ବର୍ଷ ରେ ଅନୁଦାନ ରଖାଯାଇଛି। ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ ଦାସ ଙ୍କୁ ପଚାରିବାରୁ କହିଲେ ଶିକ୍ଷକ ସମସ୍ୟା ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଙ୍କୁ ଅବଗତ କରାଇଛୁ ।

# ପୁଣି ପାଣି ଘେରରେ ୧୧ନଂ ୱାର୍ଡ ବାସିନ୍ଦା
## ଲୋକପ୍ରତିନିଧି ଓ ପ୍ରଶାସନ ନିଦାବିଷ୍ଟ



ନର୍ଲା,୨।୭(ଆନିସ)ଜଳ ହିଁ ଜୀବନ ପୁଣି ଜଳକୁ ନେଇ କଷ୍ଟ ଭୋଗୁଛନ୍ତି ମଣିଷ। ସାମାନ୍ୟ ବର୍ଷାରେ ବି ଜଳବନ୍ଦୀ ଘେରରେ ରହି ଅକଥନୀୟ ଦୁର୍ଦ୍ଦଶାରେ ଜୀବନ କାଟୁଛନ୍ତି ପଡାବାସୀ। ଏପରି ଏକ ଅଭାବନୀୟ ଘଟଣା ରହିଛି ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ଗ୍ରାମର ୧୧ନଂ ୱାର୍ଡରେ। ଏହି ପଡ଼ାରୁ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କହିଲେ ଏକ କଂକ୍ରିଟ ରାସ୍ତାର ପୋଲ ଦେଇ ବର୍ଷା ଜଳ ତଳ ପଟକୁ ନିଷ୍କାସିତ ହୋଇଥାଏ। ତେବେ ଏହି କଂକ୍ରିଟ ରାସ୍ତାର ତଳପଟେ କିଛି ମୁଷ୍ଟିମେୟ ଲୋକ ମୋରମ ଓ ମାଟି ପକାଇ ବର୍ଷା ପାଣିକୁ ଅଟକାଇବା ଯୋଗୁଁ ଏବେ ଜଳବନ୍ଦୀ ଘେରରେ ରହିଛନ୍ତି ୧୧ନଂ ୱାର୍ଡ ବାସିନ୍ଦା। ଏସମ୍ପର୍କରେ ବର୍ଷା ପୂର୍ବରୁ ଏହାର ସମାଧାନ ଦିଗରେ ସୁବ୍ୟବସ୍ଥା ପାଇଁ ଉକ୍ତ ପଡାବାସୀ ସ୍ଥାନୀୟ ଗ୍ରାମପଞ୍ଚାୟତ ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ପଡାବାସୀ ଗତ ୨ ତାରିଖରେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ ନାଁ ଲୋକପ୍ରତିନିଧି ନାଁ ପ୍ରଶାସନ ଏ ଦିଗରେ ସୁବ୍ୟବସ୍ଥା କଲେ ବରଂ ନିଦାବିଷ୍ଟ ସାଜି ଚୁପ ରହିବା ଯୋଗୁଁ ଏପରି ବେହାଲ ଅବସ୍ଥାରେ ପାଣି ଘେରରେ ରହିଥିବା ପଡାବାସୀ ଅଭିଯୋଗ କରିଛନ୍ତି। ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ସକାଶେ ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଫୋନ କରି ଜଣାଇଥିଲେ। ତେବେ ଦମକଳ ବାହିନୀ ପାଣି ନିଷ୍କାସନ ବ୍ୟବସ୍ଥା କରି ନ ପାରି ଫେରି ଯାଇଥିବା ଜଣାଯାଏ। ଘର ଭିତରେ ପାଣି ରହି କୌଣସି ଦୁର୍ଘଟଣା ଘଟେ ତା ହେଲେ ପ୍ରଶାସନ ଦାୟି ରହିବ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି କଳାହାଣ୍ଡି ଜିଲ୍ଲାପାଳ ସ୍ବତନ୍ତ୍ର ଦୃଷ୍ଟି ଦେଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭୀମକେଲା ୧୧ନଂ ୱାର୍ଡବାସୀ ନିବେଦନ କରିଛନ୍ତି।

# ସବ୍ୟସାଚି ସାହୁଙ୍କୁ ଜୀବନବ୍ୟାପି ଶିଳ୍ପ ସମ୍ବନ୍ଧୀୟ ସେବା ନିମନ୍ତେ ସାଧନା ପୁରସ୍କାର



ରାୟଗଡା,୨।୭(ଆନିସ): ରାୟଗଡା ଜିଲ୍ଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଉଦ୍ୟୋଗ ଦିବସ ପାଳନ ଅବସରରେ ବରିଷ୍ଠ ଅବସରପ୍ରାପ୍ତ ସହକାରୀ ଶିଳ୍ପ ଅଧିକାରୀ ସବ୍ୟସାଚି ସାହୁଙ୍କୁ ଜୀବନବ୍ୟାପି ଶିଳ୍ପ ସମ୍ବନ୍ଧୀୟ ସେବା ନିମନ୍ତେ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିଳ୍ପ ସଂଘ ସଭାପତି ଏମ ନରୀନ କୁମୁନ୍ଦନ ଯୋଗଦେଇଥିବା ବେଳେ ,ସେଞ୍ଚୁରିଆନ ୟୁନିଭରସିଟିର ନିର୍ଦ୍ଦେଶକ ରାକେଶ କୁମାର ପାଢ଼ୀ ଅନ୍ୟତମ ଅତିଥି,ଡିଆଇସି ରାୟଗଡାର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକ ଅତିଥି ରୂପେ ଯୋଗଦେଇ ଶ୍ରୀ ସାହୁଙ୍କୁ ପୁରସ୍କୃତ କରିଥିଲେ। ଏଠାରେ ସୂଚନାଯୋଗ୍ୟଯେ ଶ୍ରୀ ସବ୍ୟସାଚି ସାହୁ ରାୟଗଡା ଜିଲ୍ଲାର ଶତାଧିକ ଯୁବକଙ୍କୁ ବଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରେରଣା ପ୍ରଦନା କରିବା ସହ ଯୁବ ଉଦ୍ୟୋଗୀ ମାନଙ୍କୁ ବ୍ୟାଙ୍କରୁ କିଭଳି ଲୋନ ମିଳିବ,ବୈଷୟିକ ସହାୟତା ପ୍ରଦାନ କରିବା ସହ ରାୟଗଡା ଜିଲ୍ଲାରେ ରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ନେଇ ଉଲ୍ଲେଖନିୟ କାର୍ଯ୍ୟ କରିଛନ୍ତି । ଜିଲ୍ଲା ଶିଳ୍ପ କେନ୍ଦ୍ର ର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବିଭାଗ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଯୋଜନା ବିଷୟରେ କହିଥିଲେ । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ସାମ୍ନା କରୁଥିବା ସାଧାରଣ ସମସ୍ୟାଗୁଡ଼ିକ ଓ ତାହାର ସମାଧାନ ନିମନ୍ତେ ଉପଲବ୍ଧ ଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ଉପସ୍ଥିତ ସଫଳ ଉଦ୍ୟୋଗୀମାନେ ଓ ସଫଳ ଏସ ଏଚ ଜି ର ସଭାପତି ମାନେ ସେମାନଙ୍କ ଅନୁଭୂତି ବର୍ଣନା କରି ଅନ୍ୟ ଉଦ୍ୟୋଗୀ ମାନଙ୍କୁ ପ୍ରେରଣା ଯୋଗାଇଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ର ଦ୍ବାରା ଆୟୋଜିତ ୫ଦିନିଆ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା, ପ୍ରବନ୍ଧ ଓ କୁଇଜ୍? ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଏ ଆଇ ଓ ବେଦାର୍ଚନ ରାୟ, ସ୍ମୃତିଚନ୍ଦନ ପ୍ରଧାନ, ଚିତ୍ତରଞ୍ଜନ ମେହେର, ଦୀପକ ହାଁସଦା, ସୂରଜ କଣ୍ଡୁଲାନ, ଆପିଓ ସୁବ୍ରତ ପଟ୍ଟନାୟକ ଓ ବରିଷ୍ଠ ସହାୟକ ସୌମିତ୍ର ପଟ୍ଟନାୟକ, ତ୍ରିଲୋଚନ ଦାସ, ଦୀପା ଅଧିକାରୀ , ସୁନୀଲ ପ୍ରଧାନ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ଶେଷ କୃତକାର୍ଯ୍ୟରେ ଯୋଗ ଦେବାକୁ ଯିବା ସମୟରେ ଅଘଟଣ ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ବୈପାରିଗୁଡା,୨।୭ (ଆନିସ): ସମ୍ପର୍କୀୟଙ୍କ ଶେଷ କୃତକାର୍ଯ୍ୟରେ ଯୋଗଦେବାକୁ ଯାଇଥିବା ବେଳେ ନିଜେ ବାଇକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଲେ ଯୁବକ ମୃତକ ହେଲେ ବୈପାରିଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର କାଉଗୁଡା ଗ୍ରାମର ବୁଟି ହନ୍ତାଳ(୩୦) ସୂଚନା ଅନୁଯାଇ, ବୁଟି ହନ୍ତାଳ ଦଶମନ୍ତପୁର ପଞ୍ଚାୟତର ପଟ୍ରୋଗୁଡା ଗ୍ରାମରେ ଥିବା ଜଣେ ସମ୍ପର୍କୀୟଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ବାଇକ୍ ଯୋଗେ ଯାଉଥିଲେ। ତେବେ ବୈପାରୀଗୁଡା ପୂର୍ବରୁ ମାସିଗାଁ ଛକ ରାସ୍ତାରେ କୌଣସି କାରଣବଶତଃ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ହିଁ ବୁଟି ହନ୍ତାଳଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଘଟଣାର ଖବର ପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ପହଞ୍ଚିଥିଲେ ଏବଂ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ନିଶା : ସମାଜ କୁ ଧ୍ୱଂସ କରୁଥିବା ଏକ ନିରବ ରାକ୍ଷସ, ନିବାରଣ ପାଇଁ ନେଲେ ଶପଥ



ଜି ଉଦୟଗିରି,୨।୭ (ଆନିସ): ନିଶା ବିରୋଧରେ ଆଉ ନୀରବତା ନୁହେଁଏବେ ଜନଜାଗରଣର ମହାସଂଗ୍ରାମ ଦରକାର ।

ନିଶା ଆଜି କେବଳ ଜଣେ ବ୍ୟକ୍ତିର ଦୁର୍ବଳତା ନୁହେଁ, ଏହା ଆମ ସମାଜର ଭବିଷ୍ୟତକୁ ଗ୍ରାସ କରୁଥିବା ଏକ ନୀରବ ମହାମାରୀ। ପ୍ରତିଦିନ କେତେ ପରିବାର ଭାଙ୍ଗୁଛି, କେତେ ମାଙ୍କ ଆଖିରୁ ଲୁହ ଝରୁଛି, କେତେ ଶିଶୁ ବାପାଙ୍କ ସ୍ନେହରୁ ବଞ୍ଚିତ ହେଉଛନ୍ତି, କେତେ ଯୁବକ ନିଜ ସ୍ୱପ୍ନକୁ ନିଶାର ଧୂଆଁରେ ହଜାଇ ଦେଉଛନ୍ତିଏହାର ହିସାବ ନାହି । ନିଶା ନିବାରଣ ସପ୍ତାହ ପାଳନ ଅବସରରେ ଆଜି ଥାନା ପରିସରରେ ଏସ ଆଇ ପ୍ରଦୀପ କୁମାର ରାଉଳ, ରୂପକ ଦଳାଇ, ଏ ଏସ ଆଇ ବୁଲୁ ବେହରା, ବଣ୍ଟି ଦଣ୍ଡିଆ ଓ ବୁଦ୍ଧିଜୀବୀ ଜନପ୍ରତିନିଧି ଯୋଗଦେଇ ଜନସାଧାରଣ ଙ୍କୁ ସଚେତନ କରିଥିଲେ । ଏହି ଲଢ଼େଇ କେବଳ ସରକାରର ନୁହେଁ, ପ୍ରତ୍ୟେକ ନାଗରିକଙ୍କର। ପ୍ରତ୍ୟେକ ଗାଁ, ପ୍ରତ୍ୟେକ ସାହି, ପ୍ରତ୍ୟେକ ପରିବାର ନିଶା ବିରୋଧରେ ଏକ ସଚେତନ ପ୍ରହରୀର ଭୂମିକା ନେବା ଆବଶ୍ୟକ । ଆସନ୍ତୁ, ସଂକଳ୍ପ ନେବାନିଶାକୁ ନୁହେଁ, ଜୀବନକୁ ବାଛିବା। ନୀରବତାକୁ ନୁହେଁ, ସଚେତନତାକୁ ବାଛିବା। ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ଓଡ଼ିଶା ଗଢ଼ିବା ପାଇଁ ସମସ୍ତେ ଏକାଠି ଆଗେଇ ଆସିବା ଉଚିତ ବୋଲି ବୁଦ୍ଧି ଜୀବି ପ୍ରକାଶ କରିଥିଲେ

# ବୈପାରିଗୁଡା ପୁଲିସ ପକ୍ଷରୁ ନିଶା ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ



ବୈପାରିଗୁଡା,୨।୭ (ଆନିସ): ସମାଜରୁ ନିଶା ସେବନକୁ ଦୂର କରି ଯୁବପିଢ଼ିଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବୈପାରିଗୁଡା ପୁଲିସ ପକ୍ଷରୁ ନିଶା ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ସଚେତନତା କାର୍ଯ୍ୟକ୍ରମଟି ଭର୍ଚୁଆଲ ମାଧ୍ୟମରେ ହୋଇଥିବା ବେଳେ ଏଥିରେ ପୁଲିସ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଯୋଗଦେଇଥିଲେ। ଭର୍ଚୁଆଲ କାର୍ଯ୍ୟକ୍ରମରେ ବକ୍ତାମାନେ ମଦ, ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନର କୁପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନିଶା ସେବନ ଯୋଗୁଁ ପରିବାର, ସମାଜ ଓ ଯୁବପିଢ଼ି ଉପରେ ପଡୁଥିବା କୁପ୍ରଭାବ ସହ ଅପରାଧ ବୃଦ୍ଧିର ସମ୍ଭାବନା ବିଷୟରେ ସଚେତନ କରାଯାଇଥିଲା। ଯୁବସମାଜ ନିଶା ଠାରୁ ଦୂରେଇ ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ପୁଲିସ ପକ୍ଷରୁ ଆହ୍ୱାନ ଜଣାଯାଇଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ପାଠ କରାଯାଇଥିଲା। ସେହିପରି ଗାଁ ଓ ସହରାଞ୍ଚଳରେ ନିଶା ବିରୋଧୀ ସଚେତନତାକୁ ଆହୁରି ବ୍ୟାପକ କରିବା ପାଇଁ ପୁଲିସ ପକ୍ଷରୁ ସହଯୋଗ ଲୋଡ଼ା ଯାଇଥିଲା। କୌଣସି ସ୍ଥାନରେ ବେଆଇନ ନିଶାଦ୍ରବ୍ୟ କାରବାର ଦେଖିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଥିଲା।

ଶେଷରେ ବୈପାରିଗୁଡା ପୁଲିସ ପକ୍ଷରୁ ଏଭଳି ସଚେତନତା କାର୍ଯ୍ୟକ୍ରମ ସ୍କୁଲ ଏବଂ କଲେଜରେ ମଧ କରାଯାଇଥିଲା।ଆଗାମୀ ଦିନରେ ମଧ ବିଭିନ୍ନ ସ୍କୁଲ, କଲେଜ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଜାରି ରହିବ ବୋଲି ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆ ସୂଚନା ଦେଇଛନ୍ତି।

# ରାୟଗଡା ରେଳ ଷ୍ଟେସନରେ ନିଶାମୁକ୍ତ ଓଡ଼ିଶା ଅଭିଯାନ



ରାୟଗଡା,୨।୭(ଆନିସ): ରାଜ୍ୟବ୍ୟାପୀ ଚାଲିଥିବା ନିଶାମୁକ୍ତ ଓଡ଼ିଶା ଅଭିଯାନ ଅନ୍ତର୍ଗତ ରାୟଗଡା ରେଳ ଷ୍ଟେସନ ପରିସରରେ ଜିଆରପି ପୁଲିସ ତରଫରୁ ନିଶାଦ୍ରବ୍ୟ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଏବଂ ସାମୂହିକ ଶପଥ ଗ୍ରହଣ ଅନୁଷ୍ଠିତ ହୋଇଯାଇଛି । ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ଠାରୁ ଦୂରେଇ ରଖିବା, ସୁସ୍ଥ ସମାଜ ଗଠନ କରିବା ଏବଂ ମାଦକଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ନିଶା କେବଳ ବ୍ୟକ୍ତିକୁ ନୁହେଁ, ପରିବାର ଓ ସମାଜକୁ ମଧ କ୍ଷତିଗ୍ରସ୍ତ କରେ। ତେଣୁ ନିଶାଦ୍ରବ୍ୟକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରି ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଆହ୍ୱାନ ଦିଆଯାଇଥିଲା।ଏହି ଅବସରରେ ''ନିଶାଦ୍ରବ୍ୟକୁ ନା କୁହନ୍ତୁ, ଜୀବନକୁ ବାଛନ୍ତୁ'', ''ସୁସ୍ଥତାକୁ ବାଛନ୍ତୁ, ସୁନ୍ଦର ଜୀବନକୁ ବାଛନ୍ତୁ'', ''ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଆସନ୍ତୁ ସମସ୍ତେ ଏକାଠି ହେବା'' ଏବଂ ''ସଶକ୍ତ ଯୁବପିଢ଼ି, ସଶକ୍ତ ଓଡ଼ିଶା'' ଭଳି ସଚେତନତାମୂଳକ ବାର୍ତ୍ତା ପ୍ରଚାର କରାଯାଇଥିଲା। ଜନଗହଳିପୂର୍ଣ୍ଣ ରେଳ ଷ୍ଟେସନ ପରିସରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ହେବା ଫଳରେ ବହୁ ସଂଖ୍ୟକ ଯାତ୍ରୀ ଓ ସାଧାରଣ ଲୋକ ଏହିସଚେତନତା ଅଭିଯାନରେ ସାମିଲ ହୋଇପାରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡା ଷ୍ଟେସନ ମାଷ୍ଟର ପରମାନନ୍ଦ ପୀଡିକାକା, ଆରପିଏଫ ଏସଆଇ ଜଗା ରାଓ, ଜିଆରପି ଏଏସଆଇ ସନ୍ତୋଷ ପରିଡା, ମାଣିକ ଚନ୍ଦ୍ର ଗୌଡ଼, ସୀତାଂଶୁ ପଟ୍ଟନାୟକ,ରମାକାନ୍ତ ଦାସ, ବେଲାଲ ହାଲଓ୍ୱା ଓ ଅନ୍ୟ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ସ୍ୱାଭିମାନ ମଞ୍ଚ ପକ୍ଷରୁ ରେଳରୋକ ଆନ୍ଦୋଳନ, ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ



ନର୍ଲା,୨।୭(ଆନିସ) ଏକ୍ସପ୍ରେସ ଟ୍ରେନ ରହଣି ଦାବିରେ ରେଳ ରୋକ। କଳାହାଣ୍ଡି ଜିଲ୍ଲାର ନର୍ଲାରୋଡ ରେଳ ଷ୍ଟେସନରେ ରେଳ ରୋକ ଆନ୍ଦୋଳନ କରାଯାଇଥିଲା। ନର୍ଲା ସ୍ୱାଭିମାନ ମଞ୍ଚ ପକ୍ଷରୁ ଚାଲିଥିବା ଏହି ରେଳରୋକକୁ ନର୍ଲାର ବିଭିନ୍ନ ସଂଗଠନ ସହିତ ନର୍ଲା ନିର୍ବାଚନ ମଣ୍ଡଳୀ ଓ ପଡୋଶୀ କନ୍ଧମାଳ ଜିଲ୍ଲାର ହଜାର ହଜାର ଲୋକ ସମର୍ଥନ କରିଥିଲେ।ନର୍ଲାର ସମସ୍ତ ଦୋକାନ ବଜାର ବନ୍ଦ କରି ଲୋକେ ସ୍ୱତଃ ପ୍ରବୃତ ଭାବେ ଉକ୍ତ ଆନ୍ଦୋଳନରେ ସାମିଲ ହୋଇଥିଲେ ।କୌଣସି ଅପ୍ରତିକର ପରିସ୍ଥିତିକୁ ରୋକିବାକୁ ସରକାରଙ୍କ ତରଫରୁ ଚାରି ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା।ପ୍ରଥମେ ପ୍ରଥମେ ଆନ୍ଦୋଳନକାରି ମାନଙ୍କୁ ରେଳ ଷ୍ଟେସନ ଭିତରକୁ ପ୍ରବେଶ ପାଇଁ ବାରଣ କରାଯାଇଥିଲା। କିଛି ସମୟ ପରେ ଆନ୍ଦୋଳନ କାରି ମାନେ ପୋଲିସ ବ୍ୟାରିକେଟକୁ ଖାତିର ନ କରି ଧସେଇ ପଶି ଥିଲେ। ସର୍ବ ପ୍ରଥମେ ସ୍ୱାଭିମାନ ମଞ୍ଚର ଆଗ ଧାଡ଼ିର ସଦସ୍ୟ ଦିପୁ ପାତ୍ର ପୋଲିସକୁ ଭୟ ନ କରି ଧସେଇ ପଶି ଥିଲେ। ପରେ ସମସ୍ତେ ଷ୍ଟେସନ ଭିତରକୁ ପଶି ସମ୍ବଲପୁର ରାୟଗଡା ଏକ୍ସପ୍ରେସକୁ ପାଖାପାଖି ଦୁଇ ଘଣ୍ଟା ପର୍ଯ୍ୟନ୍ତ ଅଟକାଇଥିଲେ। ଉପସ୍ଥିତ ପୋଲିସ ଲୋକଙ୍କୁ ବଳପୂର୍ବକ ରେଳ ଲାଇନରୁ ହଟାଇ ଟ୍ରେନକୁ ନିଜ ଗନ୍ତବ୍ୟ ସ୍ଥାନକୁ ପଠାଇ ଥିଲେ। ପରେ ଆନ୍ଦୋଳନକାରି ଓ ରେଳ ବିଭାଗ ପକ୍ଷରୁ ଆଲୋଚନା ହୋଇ କିଛି ଦିନ ଭିତରେ ସମତା ଏକ୍ସପ୍ରେସ ଏବଂ ତିରୁପତି ବିଳାସପୁର, ଏରର୍ନାକୁଲମ ରହଣିର ପ୍ରତିଶ୍ରୁତି ସମ୍ବଲପୁର ଡିଭିଜନର ଡିସିଏମ ଅଙ୍କିତ ମିଶ୍ର ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନ କାର୍ଯ୍ୟକ୍ରମରେ ସ୍ୱାଭିମାନ ମଞ୍ଚର ସଭାପତି , ସଂପାଦକ,ବରିଷ୍ଠ କର୍ମକର୍ତ୍ତା,ଚୁଳମଣି ଗୌଡିଆ, ପ୍ରଦୀପ କୁମାର ନାଏକ, ଦୀପୁ ପାତ୍ର, କୁମୁଦ ନାଏକ, ନିକୁଞ୍ଜ ଦତ୍ତା,ନନ୍ଦ କିଶୋର ଜେନା,ସମୀର ଚାନ୍ଦ, କାମିନୀ କିନ୍ନର, ସରପଞ୍ଚ ଦେବେନ୍ଦ୍ର ସା ପ୍ରମୁଖ ସହ ଜନସାଧାରଣ ଉପସ୍ଥିତ ଥିଲେ।

# ୭୭ତମ ବନମହୋତ୍ସବ ସପ୍ତାହ ପାଳିତ
## ନାନିବୁଟି ବୃଟାଙ୍ଗ ଏଏନଆରରରେ ବ୍ୟାପକ ବୃକ୍ଷରୋପଣ, ପରିବେଶ ସୁରକ୍ଷାର ବାର୍ତ୍ତା



ମୁନିଗୁଡା,୨୭(ଆନିସ): ବନ ସଂରକ୍ଷଣ, ପରିବେଶର ସନ୍ତୁଳନ ରକ୍ଷା ଏବଂ ସବୁଜିମା ବୃଦ୍ଧିର ଲକ୍ଷ୍ୟ ନେଇ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ବନ ସେକ୍ସନ ଅଧୀନ ନାନିବୁଟି ବୃଟାଙ୍ଗ ଏଏନଆର୍ ଅଞ୍ଚଳରେ ୭୭ତମ ବନମହୋତ୍ସବ ସପ୍ତାହ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ଗ୍ୟାପ୍ ପ୍ଲାଣ୍ଟେସନ୍ କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ସଂଖ୍ୟକ ଚାରା ରୋପଣ କରାଯାଇଥିବା ବେଳେ ପରିବେଶ ସୁରକ୍ଷା, ବନ ସମ୍ପଦର ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ସମସ୍ତଙ୍କ ସକ୍ରିୟ ସହଭାଗିତାର ଆହ୍ୱାନ କରାଯାଇଥିଲା।

ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ସୁନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକୃତିର ସୁରକ୍ଷା ପାଇଁ ବୃକ୍ଷରୋପଣକୁ ଏକ ସାମାଜିକ ଦାୟିତ୍ୱ ବୋଲି କହିଥିଲେ। ରଘୁବାରୀ ଓ ଡିମିରିଗୁଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ, ଡିମିରିଗୁଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ସାହୁ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ, ବି/୦୪ ବାଟାଲିଅନ୍ ସିଆରପିଏଫ୍‌ର ଯବାନ, ବନପାଳ ମାଝୀ ମହାପାତ୍ର, ବନରକ୍ଷୀ ସର୍ମିଷ୍ଠା ବଡ଼ଜେନା, ବିଦ୍ୟାଧର ପାଣ୍ଡେ, ଜ୍ୟୋତି ପ୍ରଧାନ, ହାତୀ ସ୍କ୍ୱାର୍ଡର ସଦସ୍ୟ, ଅମ୍ବାଦଳା ବନ ସେକ୍ସନର ୱାଚର ଏବଂ ସ୍ଥାନୀୟ ଗ୍ରାମବାସୀମାନେ ଉତ୍ସାହର ସହ ଏହି ମହତ୍ କାର୍ଯ୍ୟରେ ସାମିଲ ହୋଇଥିଲେ।

କାର୍ଯ୍ୟକ୍ରମରେ ବକ୍ତାମାନେ କହିଥିଲେ ଯେ, ବନ ଓ ପରିବେଶର ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ସାମୂହିକ ଦାୟିତ୍ୱ। ବୃକ୍ଷରୋପଣ ସହ ରୋପଣ କରାଯାଇଥିବା ଚାରାଗୁଡ଼ିକର ସଠିକ୍ ଯତ୍ନ ଓ ସୁରକ୍ଷା କରାଗଲେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପରିବେଶ ଗଢ଼ି ତୋଳା ସମ୍ଭବ ହେବ। ବନ ସମ୍ପଦର ସୁରକ୍ଷା ମାଧ୍ୟମରେ ଜଳ ସଂରକ୍ଷଣ, ଜୈବ ବିବିଧତାର ବିକାଶ ଓ ଜଳବାୟୁ ସନ୍ତୁଳନ ବଜାୟ ରଖିବାରେ ବୃକ୍ଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା।ଶେଷରେ ସମସ୍ତ ଅତିଥି, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକମାନେ ରୋପଣ କରାଯାଇଥିବା ଚାରାଗୁଡ଼ିକର ନିୟମିତ ଯତ୍ନ ନେବା, ବନ ସୁରକ୍ଷାରେ ସହଯୋଗ କରିବା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ କରି ସବୁଜ ଓଡ଼ିଶା ଗଠନରେ ସହଭାଗୀ ହେବାକୁ ସଂକଳ୍ପ ଗ୍ରହଣ କରିଥିଲେ।

# ପଥର ପ୍ରିୟ ଲାଞ୍ଜିଆ ସୌରା,ଘର ଓ ଚାଷ ଜମିରେ କରୁଛନ୍ତି ବ୍ୟବହାର



ରାୟଗଡା,୨।୭(ଆନିସ): ନିଜର ପୁରାତନ ସଂସ୍କୃତି ଓ ପରମ୍ପରାକୁ ବିଶ୍ୱାସ କରୁଥିବା ବିରଳ ଜନ ଜାତି ଲାଞ୍ଜିଆ ସୌରା ଲୋପ ପାଇଯାଉଥିବା ନିଜର ସଂସ୍କୃତିକୁ ଉଜ୍ଜୀବିତ କରିବା ସହ ପୂର୍ବ ପୁରୁଷଙ୍କ ପ୍ରତୀକ ଭାବେ ଏହି ଜନ ଜାତି ସମ୍ପ୍ରଦାୟର ଲୋକେ ଘରର କାନ୍ଥରେ ବିଭିନ୍ନ ପ୍ରକାର ଇଡିତାଲ୍? ଚିତ୍ରକଳା ଆଂକିବା ସହ ଘର ପାଖରେ ଓ ଜମି ହିଡରେ ଅତି ସୁନ୍ଦର ଭାବରେ ପଥରକୁ ସଜେଇ ରଖିଥାନ୍ତି । ଯାହା ବେଶ ଆକର୍ଷଣୀୟ ହୋଇ ଦେଖାଯାଇଥାଏ । ଗୁଣପୁର ବ୍ଲକ ଅଞ୍ଚଳରେ ବସବାସ କରୁଥିବା ଲାଞ୍ଜିଆ ସୌରା କେଉଁଠି ଧାଡ଼ି ଧାଡ଼ି ତ ଅନ୍ୟ କେଉଁଠି ଗୋଲାକାର ଭାବରେ ପଥର ଗୁଡିକ ସଜାଇ ରଖିଥାନ୍ତି ଯାହା ଏଠାକୁ ଆସୁଥିବା ପର୍ଯ୍ୟଟକ ଏବଂ ଅନ୍ୟମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ । ଏଭଳି ଦୃଶ୍ୟ କୌଣସି ଇତିହାସ ବର୍ଣିତପୁରାତନ କିମ୍ବା ପ୍ରସ୍ତର ଯୁଗର ଦୃଶ୍ୟ ନୁହେଁ ଏହା ହେଉଛି ପୂର୍ବଘାଟ ପର୍ବତମାଳାର ପାଦ ଦେଶରେ ଥିବା ରାୟଗଡା ଜିଲ୍ଲା ଗୁଣୁପୁର ବ୍ଲକର ଦୁର୍ଗମ ଅଂଚଳ । ଏହି ବ୍ଲକ ଅନ୍ତର୍ଗତ ପୁଟାସିଂ,ଜଲତାର ,ଟଳଣା ,ଶଗଡା ଆବାଡ଼ା ,ଚିନାସାରି ଓ କୁଲସିଂ ପଂଚାୟତରେ ଲାଞ୍ଜିଆ ସୌରା ସମ୍ପ୍ରଦାୟର ଲୋକେ ବସ ବାସ କରନ୍ତି । ରାଜ୍ୟର ବିରଳ ଓ ପୁରାତନ ଜନଜାତି ଭାବେ ଏମାନେ ପରିଚିତ । ଦୁର୍ଗମ ପାହାଡିଆ ଅଞ୍ଚଳକୁ ନିଜର ଜୀବନ ଜୀବିକା ଭାବେ ଆପଣେଇଥିବା ଓ ପଥର ପ୍ରିୟ ଏହି ଜନଜାତିଙ୍କ ଜୀବନ ଶୈଳୀ ଓ ବେଶ ଭୁଶା ଟିକେ ଅନ୍ୟ ସମ୍ପ୍ରଦାୟ ଠାରୁ ନିଆରା । ଏହି ଜନଜାତି ସମ୍ପ୍ରଦାୟର ଲୋକଙ୍କ ଜୀବନ ଜୀବିକା କହିଲେ ଜଙ୍ଗଲ ଜାତ ଦ୍ରବ୍ୟ ସହ ପାହାଡ଼ ଚାଷ । ପାହାଡ଼ ଉପରେ ସୋପାନ ପଦ୍ଧତିରେ ଧାନ ଚାଷ , ସପୁରି ମକା ଓ କଦଳୀ ଚାଷ କରି ନିଜର ଗୁଜାରାଣ ମେଂଟାଇଥାନ୍ତି । ତେବେ ଏହି ଜନ ଜାତିର ଲୋକେ ପଥରକୁ ଖୁବ ବିଶ୍ବାସ କରନ୍ତି । ପଥରକୁ ସେମାନେ ଦେବତା ବା ଭଗବାନ ରୂପରେ ମାନି ଥାଆନ୍ତି । ଫଳରେ ଏହି ଜନ ଜାତି ସମ୍ପ୍ରଦାୟର ଲୋକ ପଥରକୁ ଘର ସମୁଖରେ ଅତି ସୁନ୍ଦର ଭାବରେ ସଜେଇ ରଖି ଥାଆନ୍ତି । ଘର ସମୁଖରେ ପଥର ରହିବା ଦ୍ଵାରା ଘରେ କୌଣସି ନକରାମକ୍ ଶକ୍ତିର ପ୍ରଭାବ ପଡିବ ନାହି ବୋଲି ତାଙ୍କର ବିଶ୍ବାସ। ସେହି ଭଳି ଜମିରେ ମଧ ପଥରକୁ ଅତି ସୁନ୍ଦର ଭାବରେ ସଜେଇ ହିଡ଼ ବନାଇଥାନ୍ତି । ପଥର ହିଡ଼ ରହିବା ଦ୍ବାରା ଫସଲକୁ ରୋଗ ଦାଉରୁ ରକ୍ଷା କରିବା ସହ ଜମିରେ ମାଟି ଧସିବାର ସମ୍ଭାବନା କମ ରୁହେ ବୋଲି ବୋଲି ଲାଞ୍ଜିଆ ସୌରାଙ୍କ ବିଶ୍ବାସ ରହିଛି । ଏହି ଜନଜାତି ଦେବାଦେବୀଙ୍କ ଭଳି ପିତୃ ପୁରୁଷଙ୍କୁ ମଧ ବେଶ ସମ୍ମାନ ଦେଇ ଥାଆନ୍ତି । ଗ୍ରାମରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଦଶା କ୍ରିୟା ଦିନ ମୃତ ବ୍ୟକ୍ତିଙ୍କ ନାମରେ ଗ୍ରାମର ଏକ ସ୍ଥାନରେ ପଥରକୁ ପୋତି ରଖିବା ଦ୍ୱାରା ମୃତ ବ୍ୟକ୍ତିଙ୍କ ଆତ୍ମା ଶାନ୍ତି ପାଏ ବୋଲି ବିଶ୍ବାସ କରନ୍ତି । ତେଣୁ କେଉଁ ଆବାହମାନ କାଳରୁ ଆମ ପିତୃ ପୁରୁଷ ମାନେ ପଥରକୁ ବିଶ୍ବାସ କରୁଥିଲେ , ତେଣୁ ଆମେ ମଧ ପଥରକୁ ଖୁବ ବିଶ୍ବାସ କରିବା ସହ ପଥର ସହ ଜଡ଼ିତ ହୋଇ ରହି ଆସୁଛୁ ବୋଲି ଲାଞ୍ଜିଆ ସୌରା ଜନଜାତି ସମ୍ପ୍ରଦାୟର ଜୁନେସ ଗମାଙ୍ଗ,ରବିନାଥ ଶବର ଓ ଅନ୍ୟମାନେ ପ୍ରକାଶ କରିଛନ୍ତି । ଆଧୁନିକତାର ଛାପରେ ଅନେକ ଆଦିବାସୀ ସଂସ୍କୃତି ଓ ପରମ୍ପରା ଲୋପ ପାଇ ଯାଉଥିବା ବେଳେ ଲାଞ୍ଜିଆ ସୌରା ଜନ ଜାତିଙ୍କ ପ୍ରୟାସ ନିଶ୍ଚିତ ଭାବେ ସଭ୍ୟ ସମାଜକୁ ତଥା ଆଗାମୀ ଆଦିବାସୀ ପିଢୀଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହ ନାହି । ଉଗ୍ର ଆଧୁନିକତା ଓ ଜଗତୀକରଣ ପ୍ରଭାବରେ ଅନେକ ପ୍ରାଚୀନ ପ୍ରଥା ପରମ୍ପରା ବିଶ୍ବାସ ଲୋପ ପାଇ ଯାଉଥିବା ବେଳେ ଆଦିମ ଜନଜାତିଙ୍କ ଏଭଳି ନିଆରା ବିଶ୍ବାସ ବେଶ ଆକର୍ଷିଣିୟ ହେବା ସହ ସୁନ୍ଦର ମଧ ଦେଖାଯାଉଛି ।

# ମାଙ୍କଡ଼ ନେଇଗଲା ଯୁବ ବ୍ୟବସାୟୀଙ୍କ ଜୀବନ

## ଭାଙ୍ଗି ପଡିଛି ପୁରା ପରିବାର , ବାଲିଗୁଡାରେ ଶୋକର ଛାୟା



ଦାରିଙ୍ଗବାଡି, ୨/୭ (ଆନିସ) ମୃତ୍ୟୁ କେତେବେଳେ ଓ କେଉଁ ରୂପରେ ଆସି କାହାର ଅମୂଲ୍ୟ ଜୀବନ ନେଇଯିବ, ସେ କଥା କେହି ମଧ ଜାଣିନଥାନ୍ତି । ଏମିତି ଏକ ଘଟଣା ବାଲିଗୁଡା ସହରରେ ଦେଖିବାକୁ ମିଳିଛି । ଯାହାକୁ ନେଇ ସାରା ସହରବାସୀ ଏବେ ଦୁଃଖରେ ଭାଙ୍ଗି ପଡିଛନ୍ତି । କେହି କିଛି ବୁଝିବା ଆଗରୁ ସହରର ଜଣେ ଉଦୀୟମାନ ଯୁବ ବ୍ୟବସାୟୀ ତଥା ଯୁବ ସଙ୍ଗଠକ ମନୋଜ କୁମାର ପଣ୍ଡା ଓରଫ ପିଣ୍ଟୁଙ୍କ ଜୀବନ ଚାଲିଯାଇଛି । ଏ କଥାକୁ କେହି ମଧ ସହଜରେ ବିଶ୍ୱାସ କରି ପାରୁନାହାନ୍ତି । ମିଳିଥିବା ସୂଚନା ଅନୁଯାୟୀ, ମୃତ ମନୋଜ କୁମାର ପଣ୍ଡାଙ୍କ ନିଜସ୍ୱ ହୋଟେଲ (ଭବାନୀ କେଫ୍) ଛାତ ଉପରେ କିଛି ମାଙ୍କଡ଼ ଦୀର୍ଘ ସମୟ ଧରି ଉପଦ୍ର ଚଳାଇଥିଲେ । ମାଙ୍କଡ଼ ମାନଙ୍କ ଉପଦ୍ରବରେ ଅତିଷ୍ଠ ହୋଇ ସେ ଘଉଡାଇବାକୁ ଯାଇ ଥିବା ସମୟରେ ଛାତ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ଆହତ ହୋଇ ପଡ଼ିଥିଲେ । ଖବର ପାଇ ହୋଟେଲ କର୍ମଚାରୀ ଓ ତାଙ୍କ ପରିବାର ଲୋକେ ଛାତ ଉପରକୁ ଯାଇ ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ବାଲିଗୁଡା ହସ୍ପିଟାଲକୁ ନେଇଥିଲେ । କିନ୍ତୁ ସେଠାରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଖୁବ କମ ବୟସରେ ସମସ୍ତଙ୍କ ହୃଦୟ ଜିଣି ପାରୁଥିବା ମନୋଜ ପଣ୍ଡାଙ୍କ ଅକାଳ ମୃତ୍ୟୁ ଖବର ପାଇ ହସ୍ପିଟାଲରେ ସାଙ୍ଗସାଥି, ବନ୍ଧୁ ପରିଜନ ଓ ସହରବାସୀଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା । କେହି କିଛି ବୁଝିବା ଆଗରୁ ହସ୍ପିଟାଲ ପରିସରରେ ପହଞ୍ଚିଥିବା ସମସ୍ତେ ସତେ ଯେମିତି ସ୍ତବ୍ଧ ପାଲଟି ଯାଇଥିଲେ ।

ଏହା ପରେ ତାଙ୍କର ଶବ ବ୍ୟବଚ୍ଛେଦ ହେବା ପରେ ଶେଷ ଦର୍ଶନ ଲାଗି ତାଙ୍କ ମର ଶରୀରକୁ ସହର ପରିକ୍ରମା କରାଯାଇଥିଲା । ଆଉ ଶେଷରେ ବାଲିଗୁଡା ଜେଲ ନିକଟସ୍ଥ ଶ୍ମଶାନଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଜୀବନରେ ଅନେକ ଦୁଃଖ କଷ୍ଟ ସହି ନିଜର ସ୍ୱପ୍ନକୁ ସଫଳ କରିବା ଲାଗି ଉଦ୍ୟମ କରୁଥିବା ଯୁବ ବ୍ୟବସାୟୀ ପିଣ୍ଟୁଙ୍କ ମୃତ୍ୟୁ ଖବରରେ ସହରବାସୀ ପୁରା ଭାଙ୍ଗି ପଡିଛନ୍ତି । ହୋଟେଲ ବ୍ୟବସାୟରେ ତାଙ୍କର ମିଠା ମିଠା କଥାରେ ଗ୍ରାହକଙ୍କ ପେଟ ପୁରି ଯାଉଥିଲା । କେବଳ ସେତିକି ନୁହେଁ ସାଙ୍ଗ ସାଥିଙ୍କ ସହ ମିଶି ସେ ଜଣେ ଯୁବ ସମାଜସେବୀ ଭାବେ ମଧ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଥିଲେ । ହସ୍ପିଟାଲରେ ଗୁରୁତର ରୋଗୀଙ୍କୁ ଜରୁରୀକାଳୀନ ରକ୍ତ ଦରକାର ପଡ଼ୁଥିଲେ ପିଣ୍ଟୁ ତୁରନ୍ତ ସବୁ କାମ ଛାଡ଼ି ହସ୍ପିଟାଲରେ ପହଞ୍ଚି ରକ୍ତଦାନ କରୁଥିଲେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥିବା ପିଣ୍ଟୁ ନିୟମିତ ଜିମ୍ ଯାଇ ଶାରିରୀକ ବ୍ୟାୟାମ କରିବା ସହ ଯୁବକ ମାନଙ୍କ ପାଇଁ ସେ .

ପ୍ରେରଣା ପଲଟିଥିଲେ । ସବୁବେଳେ ନିଜ ହୋଟେଲ ବ୍ୟବସାୟକୁ ଗୁରୁତ୍ୱ ଦେବା ସହ ନିଜକୁ ଫିଟ ରହିବାକୁ ଭଲ ପାଉଥିଲେ ପିଣ୍ଟୁ । ଅସମୟରେ ତାଙ୍କୁ ହରେଇ ବାଲିଗୁଡା ଅଞ୍ଚଳବାସୀ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି ।

ଅନ୍ୟପଟେ ବିଦ୍ୟୁତ ବିଭାଗର ଅବହେଳା କାରଣରୁ ଆଜି ସହରବାସୀ ଜଣେ ଉଦୀୟମାନ ଯୁବକଙ୍କୁ ସବୁ ଦିନ ପାଇଁ ହରେଇ ଦେଲେ । ସହରର ଯେଉଁ ସବୁ ଛାତ ଉପରେ ୧୧ କେଭି ବିଦ୍ୟୁତ ତାର ବିପଦପୂର୍ଣ୍ଣ ଭାବେ ଯାଇଛି, ତାକୁ ଉଚ୍ଛେଦ ପାଇଁ ସହରବାସୀ ଦାବି କରିଛନ୍ତି । ଏହା ସହିତ ବିଦ୍ୟୁତ ବିଭାଗ ଏହାର ଯାଞ୍ଚ କରି ପୀଡିତ ପରିବାରଙ୍କୁ କ୍ଷତି ପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଆଗାମୀ ଦିନରେ ବିଦ୍ୟୁତ ବିଭାଗ ସହରରେ ନିରାପଦ ବିଦ୍ୟୁତ ସଂଯୋଗ ନେଇ ଦୀର୍ଘସୁତ୍ରୀ ଏକ ଯୋଜନା କାର୍ଯ୍ୟକାରୀ କରିବାକୁ ବୁଦ୍ଧିଜୀବୀ ନିଜର ମତ ରଖିଛନ୍ତି ।

# ଗ୍ରୀନ ମେମୋରୀ କ୍ୟାମ୍ପେନ୍ ହେବ ପରିବେଶ ସୁରକ୍ଷାର ଜନଆନ୍ଦୋଳନ -: ବିଧାୟକ

ସୁନ୍ଦରଗଡ଼:୦୨/୦୭(ଆନିସ): ଜଳବାୟୁ ପରିବର୍ତ୍ତନ, ବନ ସମ୍ପଦର କ୍ରମାଗତ ହ୍ରାସ ଏବଂ ପରିବେଶ ସନ୍ତୁଳନରେ ଦେଖା ଦେଉଥିବା ବିପର୍ଯ୍ୟୟ ସମଗ୍ର ବିଶ୍ୱ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏଭଳି ସମୟରେ ବୃକ୍ଷ ରୋପଣକୁ ଏକ ଦିନିଆ କାର୍ଯ୍ୟକ୍ରମରେ ସୀମିତ ନ ରଖି ସାମାଜିକ ଆନ୍ଦୋଳନରେ ପରିଣତ କରିବାର ଲକ୍ଷ୍ୟ ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ଏବଂ ଗ୍ରୀନ ମେମୋରୀ କ୍ୟାମ୍ପେନ ମିଳିତ ସହଯୋଗରେ ୭୭ତମ ବନ ମହୋତ୍ସବ ଅବସରରେ ଟାଙ୍ଗରପାଲି ବ୍ଲକର ଗମ୍ଭାରୀଡିହି ଗ୍ରାମରେ ଏକ ବ୍ୟାପକ ପରିବେଶ ସଚେତନତା ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



କାର୍ଯ୍ୟକ୍ରମରେ ସଦର ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗମ୍ଭାରୀଡିହି ଫୁଟବଲ ପଡ଼ିଆ ପରିସରରେ ଚାରା ରୋପଣ କରି ବନ ମହୋତ୍ସବର ଶୁଭାରମ୍ଭ କରିଥିଲେ। ସେ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ବିଶ୍ୱ ସମୁଦାୟ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଗ୍ରୀନ ମେମୋରୀ କ୍ୟାମ୍ପେନ୍ ଭଳି ଅଭିନବ ପଦକ୍ଷେପ ସମାଜରେ ପରିବେଶ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରୁଛି। ଆଗାମୀ ଦିନରେ ଏହି ଅଭିଯାନ ଗାଁ ଗାଁ ଓ ଘରେ ଘରେ ପରିବେଶ ସୁରକ୍ଷାର ବାର୍ତ୍ତାବାହକ ସାଜିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ସେ କହିଥିଲେ, ''ଜଙ୍ଗଲ ହେଉଛି ଜଳ, ଜୀବନ, ଜୀବିକା ଓ ଜୈବ ବିବିଧତାର ଭିତ୍ତିଭୂମି। ଜଙ୍ଗଲ ସୁରକ୍ଷିତ ରହିଲେ ପରିବେଶର ସନ୍ତୁଳନ ଅକ୍ଷୁର୍ଣ୍ଣ ରହିବ ଏବଂ ବନ୍ୟଜନ୍ତୁମାନେ ମଧ୍ୟ ନିଜ ପ୍ରାକୃତିକ ବାସସ୍ଥାନରେ ସୁରକ୍ଷିତ ରହିପାରିବେ। ତେଣୁ କେବଳ ଗଛ ଲଗାଇବା ନୁହେଁ, ବରଂ ତାହାର ସୁରକ୍ଷା, ଜଙ୍ଗଲକୁ ଅଗ୍ନିକାଣ୍ଡରୁ ରକ୍ଷା କରିବା ଏବଂ ବନ୍ୟଜନ୍ତୁଙ୍କ ପ୍ରତି ସମ୍ବେଦନଶୀଳତା ବୃଦ୍ଧି କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ।'' ସେ ଆହୁରି କହିଥିଲେ ଯେ, ଶିଶୁମାନଙ୍କୁ ପ୍ରକୃତି ସହ ଯୋଡ଼ିବା ଏବଂ ପ୍ରତ୍ୟେକ ସ୍ମରଣୀୟ ଅବସରରେ ଗୋଟିଏ ଗଛ ଲଗାଇବାର ଅଭ୍ୟାସ ଗଢ଼ି ତୋଳିବା ସମୟର ଆବଶ୍ୟକତା ରହିଛି । କାର୍ଯ୍ୟକ୍ରମରେ ଗମ୍ଭାରୀଡିହି ସରପଞ୍ଚ ରବୀନ ଚନ୍ଦ୍ର ସା, ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, ବନପାଳ ଲେଲିନ ପଟେଲ ଏବଂ ବନରକ୍ଷୀ ଜନ୍ମଜୟ ଜେନା ପ୍ରମୁଖ ଯୋଗଦେଇ ବନ ମହୋତ୍ସବର ମହତ୍ତ୍ୱ, ଜଙ୍ଗଲ ସୁରକ୍ଷା ଓ ପରିବେଶ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ଗମ୍ଭାରୀଡିହି ଫୁଟବଲ ପଡ଼ିଆର ଚତୁଃପାର୍ଶ୍ୱରେ ୧୦୦ଟି ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଆଗାମୀ ଦିନରେ ଏହି ଗଛଗୁଡ଼ିକ ଖେଳ ପଡ଼ିଆକୁ ଛାଇ, ସୌନ୍ଦର୍ଯ୍ୟ ଓ ସ୍ୱଚ୍ଛ ପରିବେଶ ପ୍ରଦାନ କରିବା ସହ ସ୍ଥାନୀୟ ଜୈବ ବିବିଧତାକୁ ଅଧିକ ସମୃଦ୍ଧ କରିବ ବୋଲି ଆଶା କରାଯାଇଛି।

ବର୍ତ୍ତମାନ ଗ୍ରୀନ ମେମୋରୀ କ୍ୟାମ୍ପେନ୍ ସୁନ୍ଦରଗଡ଼ ଜିଲ୍ଲାରେ ଏକ ଅଭିନବ ଜନଆନ୍ଦୋଳନର ରୂପ ନେଇଛି। ଏହି ଅଭିଯାନ ମାଧ୍ୟମରେ ଜନ୍ମଦିନ, ବିବାହ ବାର୍ଷିକୀ ଓ ଅନ୍ୟାନ୍ୟ ସ୍ମରଣୀୟ ଅବସରରେ ବୃକ୍ଷରୋପଣ କରିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଉଛି। ଚଳିତ ବନ ମହୋତ୍ସବ ସପ୍ତାହରେ ଜିଲ୍ଲାର ବିଭିନ୍ନ ଗ୍ରାମ, ବିଦ୍ୟାଳୟ ଓ ସମୁଦାୟ ସ୍ତରରେ ବୃକ୍ଷରୋପଣ ସହ ପରିବେଶ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି।

କାର୍ଯ୍ୟକ୍ରମ ଶେଷରେ ସମସ୍ତ ଉପସ୍ଥିତ ବ୍ୟକ୍ତି ''ଆଜି ଗଛ ଲଗାଇବା, ଆସନ୍ତାକାଲିକୁ ସବୁଜ କରିବା'' ବାର୍ତ୍ତାକୁ ଆଧାର କରି ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ପ୍ରତ୍ୟେକ ଚାରାର ସୁରକ୍ଷା ଓ ପରିଚର୍ଯ୍ୟା କରିବା ପାଇଁ ସଂକଳ୍ପ ନେଇଥିଲେ।

ସମଗ୍ର କାର୍ଯ୍ୟକ୍ରମକୁ ଗମ୍ଭାରୀଡିହି - ବଡବାହାଲପଡ଼ା ବନ ସୁରକ୍ଷା ସମିତିର କର୍ମକର୍ତ୍ତାମାନଙ୍କ ସହ ସେବକର ହରିପ୍ରିୟା ନାଏକ, ଅମୀୟ ରଞ୍ଜନ ଲେଙ୍କା, ସ୍ନିଗ୍ଧାରାଣୀ ମହାକୁଳ ଏବଂ ସୁନୀଲ ତ୍ରିପାଠୀ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ।

# କୋଟଗଡରେ କେବେ ରହୁନି ବିଏସଏନଏଲ ନେଟୱାର୍କ, ଜିଲ୍ଲାପାଳଙ୍କ ଦୃଷ୍ଟିପଡୁ

କନ୍ଧମାଳ, ୨/୭ (ଆନିସ): କନ୍ଧମାଳ ଜିଲ୍ଲା ର



ଉପାନ୍ତ ବ୍ଲକ ହେଡ଼କ୍ୱାଟର ରେ ବିଏସଏନଏଲ ନେଟୱାର୍କ କେବେ ରହୁନି ଭେଲିଡିଟି ରିଚାର୍ଜ ନାମରେ ଲୁଟି ନେଉଛି ମାସିକ ଲକ୍ଷ ଲକ୍ଷ ଟଙ୍କା, ଦିନ ଦ୍ୱି ପ୍ରହର ରେ ହରିଲୁଟ,ବିଏସଏନଏଲ ଗ୍ରାହକ ହନ୍ତସନ୍ତ କୋଟଗଡ ରେ ନେଟୱାର୍କ ସମସ୍ୟା ବୁଝିବାକୁ ନାହାନ୍ତି କର୍ମଚାରୀ ସୂଚନା ଥାଉକି,କୋଟଗଡ ବଜାର ରେ ବହୁବାଦ ବିବାଦ ପରେ ପ୍ରାୟ ୨୦୦୭ମସିହାରେ ବିଏସଏନଏଲ ଏକମାତ୍ର ନେଟୱାର୍କ ଭାବେ କାର୍ଯ୍ୟକ୍ଷମ ହୋଇଥିଲା, ଆଉ ସେତେବେଳେ ପ୍ରଥମ ନେଟୱାର୍କ ବୋଲି ସମସ୍ତେ ଖୁସିହୋଇଥିଲେ କିନ୍ତୁ ଆଜି କୋଟଗଡ ରେ ହଜାର ହଜାର ବିଏସଏନଏଲ ଉପୋଭୋକ୍ତାମହଲ ରେ ଦୁଃଖ, କାରଣ ବିଏସଏନଏଲ ନେଟୱାର୍କ ରହୁଛି ଅଳପ , ରହୁନି ବେଶି ଫଳରେ ବିଭିନ୍ନ କ୍ଷେତ୍ରରେ ଉକ୍ତ ନେଟୱାର୍କ ର ନମ୍ବର ବହୁଳ ବ୍ୟବହାର ହୋଇସାରିଛି ଅଦ୍ୟାବଧି ଏହି ନମ୍ବର ପରିବର୍ତନ ସମ୍ଭବ ହେଉନି,କି ଆଉ କୋଟଗଡ ରେ ବିକଳ୍ପ ମିଳୁନି ବିକଳ୍ପ ଭାବରେ ରିଲିଆନ୍ସ ର ଜିଓ ନେଟୱାର୍କ, ହେଲେ ତା ଅବସ୍ଥା ବି ନ କହିବା ଭଲ, କାରଣ ଏଇ ଅଛି, ଏଇ ନାହିଁ ପରି ଲୁଚକାଳି ଖେଳୁଛି ଜିଓ ତେଣୁ ଏକ ପ୍ରକାର ହରଡ଼ଘଣାରେ ଜନସାଧାରଣ ଠୁ ଆରମ୍ଭ କରି ସରକାରୀ ବେସରକାରୀ ଅନୁଷ୍ଠାନ ର କର୍ମଚାରୀ ଓ ସରକାରୀ କାମ ତେଣୁ କୋଟଗଡ ବିଏସଏନଏଲ ନେଟୱାର୍କ ଉପଖଣ୍ଡ ପରିଚାଳନା ଅଧିକାରୀଙ୍କୁ ଅନୁରୋଧ ତୁରନ୍ତ ଏହାର ଆଶୁ ସମାଧାନ କରାଯାଉ, ନତୋବା କୋଟଗଡ କାର୍ଯ୍ୟରତ ସାମ୍ବାଦିକ ସମୂହ ବିଏଏନଏଲ କାର୍ଯ୍ୟାଳୟ ଘେରାଓ କରିବା ସହ କଂଜୁମର କୋର୍ଟର ଦ୍ୱାରସ୍ତ ହେବା ନେଇ ପ୍ରସ୍ତୁତ ହେଉଥିବା କହିଛନ୍ତି ସ୍ଥାନୀୟ ପ୍ରେସକ୍ଲବ ସଦସ୍ୟସମୂହ

# ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାରିପଦା, ୨/୭ (ଆନିସ): ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ, ମୟୂରଭଞ୍ଜ ପକ୍ଷରୁ ବାରିପଦାସ୍ଥିତ ମିଶନ ଶକ୍ତି ହଲ୍‌ରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ନିହାରିକା ମହାନ୍ତିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଭାବମୟ ପରିବେଶରେ ମଧରେ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ମହାନ୍ତିଙ୍କ ଦୀର୍ଘ କର୍ମମୟ ଜୀବନ, ନିଷ୍ଠାପର ସେବାଭାବ ଏବଂ ପ୍ରଶାସନିକ ଦକ୍ଷତାର ଭୂୟସୀ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଶ୍ରୀମତୀ ମହାନ୍ତି ଜଣେ ମିଷ୍ଟଭାଷୀ, ସରଳ ଓ କର୍ତ୍ତବ୍ୟନିଷ୍ଠ ଅଧିକାରିଣୀ ଭାବେ ସହକର୍ମୀ ଓ ସାଧାରଣ ଜନତାଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ତାଙ୍କର ଅବସରୋତ୍ତର ଜୀବନ ସୁସ୍ଥ, ସୁଖମୟ ଓ ଶାନ୍ତିମୟ ହେଉ ବୋଲି ସେ କାମନା କରିଥିଲେ ।ଏହି ଅବସରରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶ୍ରୀମତୀ ମହାନ୍ତିଙ୍କ ସହ କାର୍ଯ୍ୟାନୁଭୂତି ବାଣ୍ଟିବା ସହ ତାଙ୍କର ସୁସ୍ଥ ଓ ସୁଖୀ ଅବସର ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୁରକ୍ଷା ଅଧିକାରୀ ସସ୍ମିତା ମହାନ୍ତି ସଞ୍ଚାଳନ କରିଥିବାବେଳେ ଶେଷରେ ସମସ୍ତ କର୍ମଚାରୀଙ୍କ ପକ୍ଷରୁ ଶ୍ରୀମତୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।

# ବଡ ରଥର କାରିଗର ସମ୍ମାନୀତ

କେନ୍ଦୁଝର,୨/୭ (ଆନିସ): ଆଉ ଅଳ୍ପଦିନ ରହିଲା କେନ୍ଦୁଝର ରଥଯାତ୍ରା ଏଠାରେ ଏଥିଲାଗି କେନ୍ଦୁଝର ବଡ଼ଦାଣ୍ଡ ରଥ ପ୍ରସ୍ତୁତ ପଥ ପ୍ରସ୍ତୁତ ସମସ୍ତେ ପ୍ରସ୍ତୁତ। ବିଶ୍ୱର ବଡ଼ ରଥ ୭୨ଫୁଟ ଉଚ୍ଚର ବିଶାଳ କେନ୍ଦୁଝର ନନ୍ଦିଘୋଷ ରଥର ନିର୍ମାଣ ଦୃତ ଗତିରେ ଚାଲିଛି। ଶ୍ରୀ ଶ୍ରୀ ଜୀଉ ମାନଙ୍କ ରଥ ପ୍ରସ୍ତୁତି ଚାଲିଛି ଅକ୍ଷୟ ତୃତୀୟା ଠାରୁ ରାତିଦିନ ଏକ କରି ବିଶ୍ୱର ସର୍ବ ବୃହତ ରଥ ପ୍ରସ୍ତୁତ କରୁଥିବା କାରିଗରଙ୍କ କଥା କହିଲେ ସରିବନି ରଥ ଖଳାରେ କାର୍ଯ୍ୟ କରୁଥିବା କାରିଗର ମାନଙ୍କୁ ଆଜି ବରିଷ୍ଠ ସେବାୟତବଳଦେବ ଜୀଉ ବ୍ରେକ ଡାଉନ୍ ସର୍ଭିସର ସ୍ୱତ୍ତ୍ୱାଧିକାରୀ କୁନାଲ୍ ଚକ୍ରବର୍ତ୍ତୀ ଏହି ରଥ କର୍ମଚାରୀ ଓ କାରିଗରମାନଙ୍କୁ ୫୫ ଗୋଟି ଟି ସାର୍ଟ ଓ ୫୫ ଗୋଟି ଗାମୁଛା ପ୍ରଦାନ କରି ସମ୍ମାନିତ କରିଛନ୍ତି।

# ଭିବି - ଜି-ରାମଜୀ ଯୋଜନାର ଶୁଭାରମ୍ଭ

ସୁନ୍ଦରଗଡ:୦୨/୦୭(ଆନିସ): ଭିବି -ଜି-ରାମଜୀ ବା ବିକାଶ ଭାରତ - ନିଯୁକ୍ତି ଏବଂ ଜୀବିକା ଗ୍ୟାରେଣ୍ଟି ଯୋଜନା (ଗ୍ରାମୀଣ) ଜୁଲାଇ ୧ ତାରିଖ ବୁଧବାର ଦିନ ଠାରୁ ସାରା ଦେଶରେ କାର୍ଯ୍ୟକାରୀ ହୋଇଛି ଏହି ପରିପେକ୍ଷୀରେ ଜୁନ ୨ ତାରିଖ ଗୁରୁବାର ଦିନ ଟାଙ୍ଗରପାଲି ବ୍ଲକର ୧୩ ଟି ପଞ୍ଚାୟତର ୧୫ ଟି ଗ୍ରାମରେ ବିଭିନ୍ନ ଯୋଜନା ଗୁଡିକ ଭିବି - ଜି-ରାମଜୀ ଯୋଜନାରେ ଶୁଭାରମ୍ଭ ହୋଇଛି ବୋଲି ଟାଙ୍ଗରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହେରା ପ୍ରତିକ୍ରିୟା ରଖିଥିଲେ କେନ୍ଦ୍ର ସରକାର ଗ୍ରାମୀଣ ଶ୍ରମିକଙ୍କ ନିଯୁକ୍ତି ଯୋଜନା ପାଇଁ ନୂତନ ବ୍ୟବସ୍ଥା ଅନୁଯାୟୀ କୌଣସି ରାଜ୍ୟ କିମ୍ବା



କେନ୍ଦ୍ରଶାସିତ ଅଞ୍ଚଳରେ ମଜୁରୀ ହାର ଦୈନିକ ୩୦୦ ଟଙ୍କାରୁ କମ ହେବ ନାହିଁ ବୋଲି ପ୍ରକାଶ କରିଛନ୍ତି ସରକାର ଏହି ଯୋଜନା ଅଧୀନରେ ନିଯୁକ୍ତି ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବୃଦ୍ଧି କରିଛନ୍ତି ଅର୍ଥାତ ଯୋଗ୍ୟ ଗ୍ରାମୀଣ ପରିବାର ପୂର୍ବ ଅପେକ୍ଷା ୨୫ ଦିନ ଅଧିକ କାମ ପାଇବେ ବର୍ଦ୍ଧିତ ମଜୁରୀ ଓ ଅତିରିକ୍ତ ନିଯୁକ୍ତି ସିଧାସଳଖ ଗ୍ରାମୀଣ ପରିବାରର ଆୟକୁ ପ୍ରଭାବିତ କରିବ ସ୍ଥାନୀୟ ବଜାରରେ ଚାହିଦା ସୁଦୃଢ଼ ହେବ ଏବଂ ଗ୍ରାମୀଣ ଅର୍ଥନୀତିକୁ ସମର୍ଥନ ମିଳିବ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମେଘଡେଗା ପଞ୍ଚାୟତ ତିନକୁଡାରେ ଉପସ୍ଥିତ ରହି ଯୋଜନାକୁ ଶୁଭାରମ୍ଭ କରିଥିଲେ ।

# କୁଚିଣ୍ଡା ମହାବିଦ୍ୟାଳୟର ୬୩ ତମ ପ୍ରତିଷ୍ଠା ଦିବସ ପାଳିତ

କୁଚିଣ୍ଡା, ୨/୭ (ଆନିସ): ସ୍ଥାନୀୟ କୁଚିଣ୍ଡା ମହାବିଦ୍ୟାଳୟର ୬୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ପ୍ରଥମେ ପ୍ରତିଷ୍ଠା କରିଥିବା ଦିବଙ୍ଗତ ଆତ୍ମା ମାନଙ୍କୁ ଶ୍ରଦ୍ଧସୁମନ ପୂର୍ବକ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା କୁଚିଣ୍ଡା ମହାବିଦ୍ୟାଳୟ ୧୯୬୪ ଜୁଲାଇ ୨ ପ୍ରତିଷ୍ଠ ହୋଇଥିଲା ଅଧକ୍ଷ ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ସମାରୋହ ରେ ଶ୍ରୀ ସ୍ୱାଇଁ ମହାବିଦ୍ୟାଳୟ ର ଗାରିମା ବିଷୟରେ ଉଲ୍ଲେଖ କରିଥିବା ସହ କଲେଜ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଉଲ୍ଲେଖ କରି ସମସ୍ତେ ସହଯୋଗ କଲେ ହିଁ କଲେଜ ଆଗକୁ ବଢିବ ବୋଲି ପ୍ରକାଶ କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଅନ୍ୟତମ ଅତିଥି ଆଲୁମିନି ଆସୋସିଏସନ ସଭାପତି ପ୍ରଫୁଲ୍ଲ କୁମାର ସାହୁ ମହାବିଦ୍ୟାଳୟ ର ସମସ୍ତ କାର୍ଯ୍ୟକ୍ରମ ରେ ସହଯୋଗ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ତତ ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ବ୍ୟବସ୍ଥା ସହ ନିଜକୁ ସାମିଲ କରି ନିଜର ଭବିଷ୍ୟତ ଉଜ୍ଜ୍ୱଳ କରିବାକୁ ଆହ୍ୱାନ ଦେଇଥିଲେ ଅନ୍ୟ ତମ ଅତିଥି ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ଡ ସୁମନ୍ତ କୁମାର ପଟେଲ ମହାବିଦ୍ୟାଳୟ ପ୍ରତିଷ୍ଠା ରେ ପୂର୍ବତନ ଉଦ୍ୟୋକ୍ତା ମାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଶେଷରେ ଇଂରାଜୀ ବିଭାଗ ମୁଖ୍ୟ ଡ ପ୍ରକାଶ ପଟେଲ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିବା ସମସ୍ତ ଙ୍କୁ ମନେ ପକାଇ ତାଙ୍କ ଉଦ୍ୟମ ଯୋଗୁ ଆଜି ଆମ ମାନଙ୍କ ପାଖରେ ଏତେ ବଡ଼ ମହାବିଦ୍ୟାଳୟ ହୋଇ ପାରିଥିବା ଉଲ୍ଲେଖ କରି ଧନ୍ୟବାଦ ପର୍ବ ସମାପନ କରିଥିଲେ ।

# କେନ୍ଦୁଝର ଶାଖାରେ ଏସବିଆଇର ପ୍ରତିଷ୍ଠା ଦିବସ

କେନ୍ଦୁଝର, ୨/୭ (ଆନିସ): ଦେଶର ସର୍ବବୃହତ ସରକାରୀ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ




କେନ୍ଦୁଝର ଶାଖାରେ ଉତ୍ସାହର ସହିତ ଏହାର ୭୧ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଷ୍ଟେଟ ବ୍ୟାଙ୍କ ଅଫ୍? ଇଣ୍ଡିଆ ଆଇନ ୧୯୫୫ ଅନୁଯାୟୀ ପ୍ରତିଷ୍ଠିତ ହୋଇଥିଲା ଏବଂ ଭାରତ ସରକାରଙ୍କ ଅନୁମୋଦନ ସହିତ ୧ ଜୁଲାଇ ୧୯୫୫ ରେ ଆନୁଷ୍ଠାନିକ ଭାବରେ ଅସ୍ତିତ୍ୱ ହାସଲ କରିଥିଲା। ବିଗତ ୭୧ ବର୍ଷ ମଧ୍ୟରେ, ଏସବିଆଇ ଉତ୍କର୍ଷତା, ଆର୍ଥିକ ଅନ୍ତର୍ଭୁକ୍ତି, ଡିଜିଟାଲ୍? ନବସୃଜନ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଏହାର ପ୍ରତିବଦ୍ଧତା ମାଧ୍ୟମରେ ଲକ୍ଷ ଲକ୍ଷ ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିଛି।ଏସବିଆଇ କେନ୍ଦୁଝରରେ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ମୁଖ୍ୟ ପରିଚାଳକ ସନ୍ଦୀପ ତ୍ରିପାଠି ଏବଂ ପରିଚାଳକ ବିଶ୍ୱ ରଞ୍ଜନ ପୃଷ୍ଟିଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଗ୍ରାହକ, କର୍ମଚାରୀ ସଦସ୍ୟ ଏବଂ ଅନ୍ୟାନ୍ୟ ନିମନ୍ତ୍ରିତଙ୍କ ଉପସ୍ଥିତିରେ ଏକ କେକ୍ କାଟିବା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ, ଶାଖା ନେତୃତ୍ୱ ଗ୍ରାହକମାନଙ୍କ ପ୍ରତି ସେମାନଙ୍କର ନିରନ୍ତର ବିଶ୍ୱାସ ଏବଂ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେମାନେ ଦେଶର ଆର୍ଥିକ ଏବଂ ସାମାଜିକ ବିକାଶରେ ଯୋଗଦାନ ଦେବା ସହିତ ଗ୍ରାହକ-କୈନ୍ଦ୍ରିକ ବ୍ୟାଙ୍କିଂ ସେବା ପ୍ରଦାନ କରିବା ପାଇଁ ଏସବିଆଇର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରିଥିଲେ।ସମସ୍ତ ଗ୍ରାହକ ଏବଂ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉତ୍ସବ ଶେଷ ହୋଇଥିଲା, ସମଗ୍ର ଏସବିଆଇ ପରିବାର ଆଗାମୀ ବର୍ଷଗୁଡ଼ିକରେ ସଫଳତା ଏବଂ ଉତ୍କର୍ଷତା ଜାରି ରଖୁ ବୋଲି କାମନା କରିଥିଲା।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପେନସନ ମେଳା ଓ ବିଦାୟ ସମ୍ବର୍ଦ୍ଧନା ସଭା

**୩୦ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ୮ ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରାପ୍ୟ ଓ ୫ ଜଣ ଏନ୍.ପି.ଏସ୍. ଅନ୍ତର୍ଭୁକ୍ତ କର୍ମଚାରୀଙ୍କୁ ସୁବିଧା ପ୍ରଦାନ**

ବାରିପଦା, ୨/୭ (ଆନିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଏକ ପେନସନ ମେଳା ଓ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ମାସରେ ଅବସର ଗ୍ରହଣ କରିଥିବା ଜିଲ୍ଲାର ବିଭିନ୍ନ



ସରକାରୀ ବିଦ୍ୟାଳୟ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ନୂତନ ପେନସନ ଯୋଜନା (ଏନ୍.ପି.ଏସ୍.) ଅନ୍ତର୍ଗତ ମୋଟ ୩୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ୮ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସେମାନଙ୍କର ପୂର୍ଣ୍ଣାଙ୍ଗ ଅବସରକାଳୀନ ପ୍ରାପ୍ୟ (ପେନସନ ସମ୍ବନ୍ଧୀୟ ସମସ୍ତ ସୁବିଧା) ପ୍ରଦାନ କରାଯାଇଥିବା ବେଳେ ୫ ଜଣ ନୂତନ ପେନସନ ଯୋଜନାଭୁକ୍ତ (ଏନ୍.ପି.ଏସ୍.) ଅବସରପ୍ରାପ୍ତ ଶିକ୍ଷକଙ୍କୁ ମଧ ଯୋଜନା ଅନୁଯାୟୀ ସୁବିଧା ପ୍ରଦାନ କରାଯାଇଥିଲା।

ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଉତ୍ତରୀୟ, ସ୍ମାରକ ଉପହାର ଏବଂ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରିବା ସହ ସେମାନଙ୍କ ସୁସ୍ଥ, ସୁଖମୟ ଓ ସମୃଦ୍ଧ ଅବସର ଜୀବନ କାମନା କରିଥିଲେ। ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଦୀର୍ଘଦିନର ନିଷ୍ଠାପୂର୍ଣ୍ଣ ଅବଦାନକୁ ସେ ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଗୌତମ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶ୍ରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସେକ୍ସନ ଅଫିସର ଶ୍ରୀ ସୁଦୀପ୍ତ କୁମାର ମୌଳିକ, ବରିଷ୍ଠ ସହାୟକ ଶ୍ରୀମତୀ ଶକୁନ୍ତଳା ସେଠୀ ଓ ଶ୍ରୀ ପିନାକୀ ବେରା, କନିଷ୍ଠ ସହାୟକ ଶ୍ରୀ କ୍ଷେତ୍ରମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

ସମ୍ବର୍ଦ୍ଧିତ ଅବସରପ୍ରାପ୍ତମାନଙ୍କ ମଧ୍ୟରେ ଗମ୍ଭାରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଯୋଗେଶ୍ୱର ବେହେରା, ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ, କାଳିପୋଷିର ପ୍ରଧାନ ଶିକ୍ଷକ ଶ୍ରୀ ଭାଗ୍ୟବାନ ମହାନ୍ତଙ୍କ ସମେତ ଶ୍ରୀ ନିମାଇଁ ଚରଣ ପାଲ, ଶ୍ରୀ ଗଣେଶ୍ୱର ସି., ଶ୍ରୀ ଅଶୋକ କୁମାର ଜେନା, ଶ୍ରୀ ବ୍ରହ୍ମାନନ୍ଦ ମଣ୍ଡଳ, ଶ୍ରୀମତୀ ରାଜଲକ୍ଷ୍ମୀ ମିଶ୍ର, ଶ୍ରୀ ଈଶ୍ୱର ଚନ୍ଦ୍ର ମହାନ୍ତ, ଶ୍ରୀ ଅର୍ଜୁନ ଚରଣ ମହାନ୍ତ, ଶ୍ରୀ ସୁଧଳ ଚନ୍ଦ୍ର ମହାନ୍ତ, ଶ୍ରୀମତୀ ମଞ୍ଜୁଲତା ମହାନ୍ତ, ଶ୍ରୀ ମହାଦେବ ନାଏକ, ଶ୍ରୀ ହରିହର ପାଟବନ୍ଧା, ଶ୍ରୀ ନବକିଶୋର ମହାନ୍ତ, ଶ୍ରୀମତୀ କଲ୍ୟାଣୀ ମଞ୍ଜରୀ ଗିରି, ଶ୍ରୀ ଚିତ୍ତରଞ୍ଜନ ଦାସ, ଶ୍ରୀ ଚିନ୍ମୟ କୁମାର ମିଶ୍ର, ଶ୍ରୀ ଜନ୍ମେଜୟ ବେହେରା, ଶ୍ରୀ ଚିତ୍ତରଞ୍ଜନ ସାହୁ, ଶ୍ରୀ ଲମ୍ବୋଦର ମହାନ୍ତ, ଶ୍ରୀମତୀ ବୀଣାପାଣି ଖୁଣ୍ଟିଆ, ଶ୍ରୀ ସୁବାସ ଚନ୍ଦ୍ର ରାଉଳ, ଶ୍ରୀମତୀ ଆଭାରାଣୀ ନାଥ, ଶ୍ରୀ ପରମେଶ୍ୱର ନାଏକ, ଶ୍ରୀ ସମୟ ମାଝୀ, ଶ୍ରୀ ମୃତ୍ୟୁଞ୍ଜୟ ସାହୁ, ଶ୍ରୀ ବାଞ୍ଛାନିଧି ଦାସ ଏବଂ ଶ୍ରୀମତୀ ବିନୋଦିନୀ ଦାସ ପ୍ରମୁଖ ରହିଥିଲେ। କାର୍ଯ୍ୟକ୍ରମଟି ସୌହାର୍ଦ୍ଦପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀମାନେ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ମିଳିଥିବା ସମ୍ମାନ ଓ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ।

# ୧୦ ଦଫା ଦାବି ନେଇ ଡାକ୍ତରଙ୍କ ଆନ୍ଦୋଳନ

## ସ୍ୱାସ୍ଥ୍ୟ ସେବା ଠପ୍ ରୋଗୀ ହନ୍ତସନ୍ତ

## ଦ୍ୱିତୀୟ ଦିବସରେ ରାଇରଙ୍ଗପୁର ଡାକ୍ତର ଖାନା ଶୁନଶାନ୍



ରାଇରଙ୍ଗପୁର, ୨।୭ (ଆନିସ): ଜୁଲାଇ ୧ ତାରିଖ ରୁ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ୍ (ଓଏମ୍ଏସ୍ଏ) ପକ୍ଷରୁ ରାଜ୍ୟବ୍ୟାପୀ ବନ୍ଦ ଡାକରା କୁ ସମର୍ଥନ କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ମାନେ କଳା ୟାଚ ପରିଧାନ କରି ଧାରଣାରେ ବସିଛନ୍ତି । ହୋଇଛି ରୋଗୀ ସେବା ଠପ୍ । ଯାହା ଫଳରେ ରୋଗୀମାନେ ଜୀବନ ମରଣ ସହ ସଙ୍ଘର୍ଷ କରୁଥିବା ପ୍ରତିଛବି ଦେଖିବାକୁ ମିଳୁଛି । ଡାକ୍ତର ମାନଙ୍କ ରୋଗୀ ସେବା ବନ୍ଦ ହେବା ଫଳରେ ଜନସାଧାରଣ ଓ ରୋଗୀ ବର୍ତ୍ତମାନ କିଏ କେଉଁ ଦିଗକୁ ଗମନ କରୁଛନ୍ତି ତାହା ଭଗବାନଙ୍କୁ ଭରସା ।ବିଶେଷ କଥା ହେଉଛି ଡାକ୍ତରମାନଙ୍କ ୧୦ ଦଫା ଦାବି ହେଲା ଯୋଗ୍ୟତା ତାରିଖ ଠାରୁ କେନ୍ଦ୍ରୀୟ ବେତନ ଗଠନ ଅନୁଯାୟୀ ଡିଏସିପିର କାର୍ଯ୍ୟକାରିତା ପ୍ରଦାନ, ଓଏମ୍ଏଚ୍ଏସ୍ ବେତନ ଗଠନ ସଂଶୋଧନ,, ଲେଭେଲ-୧୫ ର ପୂର୍ବ ସର୍ତ୍ତାବଳୀର ଉଚ୍ଛେଦ କରାଯାଉ, ସମସ୍ତ ଗ୍ରେଡ ଆନୁପାତିକ କ୍ୟାଡର ପୁନର୍ଗଠନ, ସୁପର ସ୍ପେସାଲିଷ୍ଟ ଡିପ୍ଲୋମାଧାରିଙ୍କୁ ଅଗ୍ରାଧିକାର ପ୍ରଦାନ, ନିୟମିତ ବାର୍ଷିକ ଓପିଏସି ନିଯୁକ୍ତି ପ୍ରଦାନ, ସମୟାନୁବର୍ତ୍ତୀ ଡିସିପି ପ୍ରଦାନ, ୨୪ ଘଣ୍ଟିଆ ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପୋଲିସ ଆଉଟ୍ ପୋଷ୍ଟ ସ୍ଥାପନ କରାଯାଉ ,ସମସ୍ତ ସ୍ୱାସ୍ଥ୍ୟକର୍ମୀ ଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ପ୍ରଦାନ ,ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ , ଏବଂ ଓଡ଼ିଶା ମେଡିକେୟାର ଆକ୍ଟର ସଂଶୋଧନ ଇତ୍ୟାଦି ଦାବି ସରକାରଙ୍କ ପାଖରେ ରଖିଛନ୍ତି । ସରକାର ସେମାନଙ୍କ ଦାବିକୁ ତୁରନ୍ତ ବିଚାର କରି ସମାଧାନ କରିବାକୁ ସଂଘ ତରଫରୁ ସରକାରଙ୍କୁ ନିବେଦନ କରାଯାଇଛି । ଏହା ପୂର୍ବରୁ ସରକାର ଦେଢ଼ ବର୍ଷ ହେଲା ଡାକ୍ତରମାନଙ୍କ ଧାର୍ଯ୍ୟ ଦାବି ପୂରଣ କରିବେ ବୋଲି ବାରମ୍ବାର ପ୍ରତିଶ୍ରୁତି ପରେ ବି ସରକାରଙ୍କ ନୀରବ ରହିବା ନେଇ ସଂଘ ତରଫରୁ ନିନ୍ଦା କରାଯାଇଛି ବୋଲି ଅଭିଯୋଗ । ତେଣୁ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଥିବା ସରକାରଙ୍କୁ ଜାଗ୍ରତ କରିବା ପାଇଁ ଏହା କୋଠର ନିଷ୍ପତ୍ତି ବୋଲି କହିଛନ୍ତି । କାରଣ ସରକାର ଙ୍କୁ ଯେତେ ଚାପ ପକାଇଲେ ବି ଗୋଟିଏ ଦାବି ପୂରଣ କରି ନାହାଁନ୍ତି । ତେଣୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ରୁ ଡାକ୍ତର ମାନେ ହଟିବେ ନାହିଁ । ଯଦି କାରାଗାର କୁ ଯିବାକୁ ପଡେ ତେବେ ବି ଭୟ କରିବେ ନାହିଁ ବୋଲି ସଂଘ ନେତୃବୃନ୍ଦ କହିଛନ୍ତି ।ଆନ୍ଦୋଳନରେ ଏସଡିଏମଓ ରବୀନ୍ଦ୍ରନାଥ ମାରାଣ୍ଡୀ, ବ୍ରାଞ୍ଚ ସେକ୍ରେଟାରୀ ଡାଃ ସାଜିଦ୍ ଖାନ୍, ବ୍ରାଞ୍ଚ ଉପସଭାପତି ଡ଼ାଃ ପ୍ରମୋଦ ସାହୁ , ଡ଼ାଃ ଦେବେନ୍ଦ୍ରନାଥ ଟୁଡୁ,ଡ଼ାଃ ସଞ୍ଜିବ ମିଶ୍ର,ଡ଼ାଃ ପୁନିତ ମହାନ୍ତି,ଡ଼ାଃ ଶିବବ୍ରତ ଭୂୟାଁ, ଡ଼ାଃ ରୀତା ଟୁଡୁ, ଡ଼ାଃ ନରେନ୍ଦ୍ରନାଥ ମୁର୍ମୁ, ଡ଼ାଃ ଛିରାଣୀ ନାୟକ, ଡ଼ାଃ ଦୀପକ ରଞ୍ଜନ ଜେନା, ଡ଼ାଃ ଗୋବିନ୍ଦ ସୋରେନ, ଡ଼ାଃ ରିତେଶ ଚୈତନ, ଡ଼ାଃ ସତ୍ୟଜିତ ପଣ୍ଡା ଓ ଉପଖଣ୍ଡର ବିଭିନ୍ନ ଡାକ୍ତରଖାନାର ଡାକ୍ତର / ଡାକ୍ତରାଣୀ ଆନ୍ଦୋଳନରେ ସାମିଲ ରହିଛନ୍ତି । ତେବେ ଦେଖିବାକୁ ବାକି ରହିଲା ସରକାର ବାହାଦୁର କେବେ ଡାକ୍ତର ମାନଙ୍କ ମୌଳିକ ଦାବି ଗୁଡିକ ପୂରଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ଜିଲ୍ଲାସ୍ତରୀୟ ଭିବି-ଜୀ ରାମ ଜୀ ଯୋଜନାର ଶୁଭାରମ୍ଭ



ନୟାଗଡ, ୨/୭ (ଆନିସ): ଜିଲ୍ଲା ପରିଷଦର ସୃଜନ ସଭା ଗୃହରେ ବିକଶିତ ଭାରତ ରୋଜଗାର ଏଂ ଜୀବିକା ମିଶନ (ଗ୍ରାମୀଣ) ନିମନ୍ତେ ଗ୍ୟାରେଣ୍ଟି -୨୦୨୫ (ଭିବି -ଜୀ ରାମ ଜୀ )ଯୋଜନାର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ମଣ୍ଡଳ ଉନ୍ନୟନ ଅଧିକାରୀ ଖଣ୍ଡପଡ଼ା, ଭାପୁର, ରଣପୁର, ଗଣିଆ, ଦଶପଲ୍ଲା, ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିୟାରସିଂ, ମନରେଗା କୋରଡିନେଟର ମିତାଲି ଜେନା ପ୍ରମୁଖ ଯୋଗ ଦେଇଥିଲେ । ଏହି ଯୋଜନାଟି ଜୁଲାଇ ୦୧ ତାରିଖ ଠାରୁ ସାରା ଭାରତ ବର୍ଷରେ କାର୍ଯ୍ୟକାରୀ ହୋଇଯାଇଅଛି । ଏହି ଯୋଜନାର ସଫଳତା ଉପରେ ଉପସ୍ଥିତ ମଞ୍ଚାସୀନ ଅତିଥିମାନେ ସେମାନଙ୍କର ମତବ୍ୟକ୍ତ ରଖିଥିଲେ । ଏହି ଯୋଜନା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମର ଏକ ବ୍ୟାପକ ବୈଧାନିକ ସଂସ୍କାର। ଏହି ଯୋଜନାଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ବଳିଷ୍ଠ ପଦକ୍ଷେପ, ଯାହା ଗ୍ରାମୀଣ ଭାରତରେ ସମୃଦ୍ଧି ଏବଂ ସାମାଜିକ କଲ୍ୟାଣର ନୂତନ ଦ୍ୱାର ଖୋଲିବ । ଏହା ସଶକ୍ତିକରଣ, ବିକାଶ, ଅଭିମୁଖୀକରଣ ଏଂ ପରିପୂର୍ଣ୍ଣତାର ଦୃଢ଼ ସ୍ତମ୍ଭ ଉପରେ ପର୍ଯ୍ୟବେସିତ। ଶ୍ରମିକମାନଙ୍କ ପାଇଁ ପ୍ରତିବର୍ଷ ୧୨୫ଦିନର ନିଶ୍ଚିତ କର୍ମନିଯୁକ୍ତି ରହିବ। ଏହି ଯୋଜନା ଅନ୍ତର୍ଗତ ଚାରୋଟି କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଇଛି, ଯେପରିକି ଜଳ ସୁରକ୍ଷା, ଗ୍ରାମୀଣ ମୌଳିକ ଭିତ୍ତିଭୂମିର ବିକାଶ, ଜୀବିକାରେ ଉନ୍ନତି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ। ପଞ୍ଚାୟତ ସ୍ତରରେ ଗ୍ରାମୀଣ ମୌଳିକ ଭିତ୍ତିଭୂମି ନିର୍ମାଣ ଦ୍ୱାରା ଆୟ ବୃଦ୍ଧି ପାଇବ ଏବଂ ସ୍ଥାୟୀ ବିକାଶ ସୁନିଶ୍ଚିତ ହେବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଶ୍ରମିକ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପୁଷ୍ଟିଶସ୍ୟ ମଞ୍ଜି ଓ ସାର ବୁଣା ଯନ୍ତ୍ରର ପ୍ରଶିକ୍ଷଣ ଓ କ୍ଷେତ୍ର ପ୍ରଦର୍ଶନ

କେନ୍ଦୁଝର , ୨।୭ (ଆନିସ): ବିଗତ ବର୍ଷ କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ଅଧିନସ୍ଥ ଜଗମୋହନପୁର ଗ୍ରାମରେ ଟ୍ରାକ୍ଟର ଚାଳିତ ନଅ ଧାଡ଼ିଆ ପୁଷ୍ଟିଶସ୍ୟ ମଞ୍ଜି ଓ ସାର ବୁଣା ଯନ୍ତ୍ର ସାହାଯ୍ୟରେ ପୁଷ୍ଟିଶସ୍ୟ ମଞ୍ଜିର ଧାଡ଼ି ବୁଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯାହାର ସଫଳତା ପରେ ଆଜି ଏହି ଗ୍ରାମର ଚାଷୀ ଶ୍ରୀ ନୀଳାବତି କାଲୋଙ୍କ ଚାଷ ଜମିରେ ସୁଆଁ ଓ କାଙ୍ଗୁ ମଞ୍ଜିର ଧାଡ଼ି ବୁଣା ନିମନ୍ତେ ଏହି ଯନ୍ତ୍ରର ପ୍ରଶିକ୍ଷଣ ଓ କ୍ଷେତ୍ର ପ୍ରଦର୍ଶନ କରାଯାଇଛି। ପ୍ରଶିକ୍ଷଣ ସମୟରେ ଯନ୍ତ୍ରର କାଲିବ୍ରେସନ୍, ମଞ୍ଜି ଓ ସାରର ପରିମାଣ ନିର୍ଦ୍ଧାରଣ, ଉପଯୁକ୍ତ ବୁଣା ଗଭୀରତା, ଧାଡ଼ି ବ୍ୟବଧାନ, ଟ୍ରାକ୍ଟରର ଗତି ଓ କ୍ଷେତ୍ରରେ ସଠିକ ପରିଚାଳନା ବିଷୟରେ ଚାଷୀମାନଙ୍କୁ ବ୍ୟବହାରିକ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହିତ ମଞ୍ଜିର ଅଙ୍କୁରୋଦ୍ଗମ ବୃଦ୍ଧି, ମଞ୍ଜି ହାର ନିୟନ୍ତ୍ରଣ ଏବଂ ଫସଲ ପରିଚାଳନା ସମ୍ବନ୍ଧୀୟ ବୈଜ୍ଞାନିକ ପରାମର୍ଶ ମଧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓ.ୟୁ.ଏ.ଟି.ର ପୂର୍ବତନ ଗବେଷଣା ମୁଖ୍ୟ ତଥା ଇକ୍ରିସାଟ୍‌ର କୃଷି ଯାନ୍ତ୍ରିକରଣ ପରାମର୍ଶଦାତା ଡ଼ ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ ଯନ୍ତ୍ରର କାର୍ଯ୍ୟପ୍ରଣାଳୀ, ଉପଯୋଗିତା ଏବଂ ପୁଷ୍ଟିଶସ୍ୟ ଚାଷରେ ଯାନ୍ତ୍ରିକୀକରଣର ଗୁରୁତ୍ୱ ବିଷୟରେ ଚାଷୀମାନଙ୍କୁ ସଚେତନ କରିଥିଲେ। ସେ ଜନ୍ହ, ସୁଆଁ ଓ କାଙ୍ଗୁ ଆଦି ପୁଷ୍ଟିଶସ୍ୟର ବୁଣା କାର୍ଯ୍ୟର ତଦାରଖ ମଧ କରିଥିଲେ।

ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ ସୁକାନ୍ତ କୁମାର ସାହୁ, କୃଷି ଯାନ୍ତ୍ରିକରଣ ବୈଜ୍ଞାନିକା ଡ଼ ସୁଚରିତା ପ୍ରଧାନ, ସହକାରୀ କୃଷି ଯନ୍ତ୍ରୀ ଇଂ କାର୍ତ୍ତିକ ଚନ୍ଦ୍ର ସେଠି, ବିଶ୍ୱବିଦ୍ୟାଳୟ ର ଗବେଷଣା ସହାୟକ ଇଂ ଋଷିକେଶ ସାହୁ, ବେସରକାରୀ ସଂସ୍ଥା ସେବକ ର ବ୍ଲକ ଅଧିକାରୀ ଶ୍ରୀମତୀ ଦିବ୍ୟା ସୋରେଙ୍ଗ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବୈଜ୍ଞାନିକ ଓ କୃଷି ବିଭାଗର ଅଧିକାରୀମାନେ ଚାଷୀଙ୍କ ପ୍ରଶ୍ନର ଉତ୍ତର ଦେବା ସହିତ ଯନ୍ତ୍ର କ୍ରୟ ପ୍ରକ୍ରିୟା, ସରକାରୀ ରିହାତି ଏବଂ ପୁଷ୍ଟିଶସ୍ୟ ଚାଷର ଉନ୍ନତ ପରିଚାଳନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

# ନୟାଗଡ଼ ଜିଲ୍ଲାସ୍ତରୀୟ ପିଏମ ସ୍ୱ-ନିଧି ମହୋତ୍ସବ

## ସହରାଞ୍ଚଳ ସମୃଦ୍ଧିରେ କ୍ଷୁଦ୍ର ବ୍ୟବସାୟୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ : ଜିଲ୍ଲାପାଳ



ନୟାଗଡ଼, ୨।୭ (ଆନିସ): ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଓ ନୟାଗଡ଼ ପୌର ପରିଷଦର ମିଳିତ ଆୟୋଜନରେ ଆଜି ପଠାଣି ସାମନ୍ତ ସଂସ୍କୃତି ଭବନ ଠାରେ, ପିଏମ ସ୍ୱନିଧି ଯୋଜନାର ଜିଲ୍ଲା ସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ ଯୋଗ ଦେଇ ସହରାଞ୍ଚଳର ସମୃଦ୍ଧିରେ କ୍ଷୁଦ୍ର ବ୍ୟବସାୟୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।

ସମ୍ମାନିତ ଅତିଥିଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଯୋଗଦେଇ ସେମାନଙ୍କ ସ୍ଥାୟିତ୍ୱ ଆମ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଏହି ଯୋଜନାର ୬ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ମହୋତ୍ସବରେ ନୟାଗଡ଼ ପୌରାଧକ୍ଷା ନିରୂପମା ଖଟେଇ ଅଧକ୍ଷତା କରିଥିଲେ । କ୍ଷୁଦ୍ର ବ୍ୟବସାୟୀଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଋଣ ସହାୟତା ବ୍ୟବସ୍ଥା ଆଗକୁ ନେଉଛି ଓ ସେମାନଙ୍କ ପରିବାର ଭଲରେ ପ୍ରତିପୋଷଣ ହେଉଛନ୍ତି । ଜିଲ୍ଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ଡୁଡା ନିର୍ଦ୍ଦେଶକ ଲଗ୍ନଜିତ ରାଉତ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କର ପରିଚାଳକ ପ୍ରକାଶ କୁମାର ସାହୁଙ୍କ ସମେତ ଖଣ୍ଡପଡା, ରଣପୁର, ଦଶପଲ୍ଲା ସହରର ଅଧକ୍ଷା ଓ ନିର୍ବାହୀ ଅଧିକାରୀମାନେ ଯୋଗ ଦେବା ସହିତ ଓଡ଼ଗାଁ ସହରର ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ । ସମସ୍ତ ଏନ.ଏ.ସି ଓ ମ୍ୟୁନିସିପାଲିଟିର ଉପାଧକ୍ଷ, କାଉନସିଲର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ୫ ଟି ଯାକ ସହରର ପ୍ରାୟ ୬୦୦ ଜଣ କ୍ଷୁଦ୍ର ବ୍ୟବସାୟୀ ମହୋତ୍ସବରେ ଯୋଗଦେଇଥିଲେ ଓ ସେମାନଙ୍କ ମଧ୍ୟରୁ ୬୮ ଜଣଙ୍କୁ ଋଣ ସହାୟତା ଓ ଉନ୍ନତମାନର ଖାଦ୍ୟ ପ୍ରଦାଥ ବିକ୍ରି କରୁଥିବାରୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରଯାଇଥିଲା ।

ଏହା ସହିତ ରଣପୁର ବ୍ଲକର ରାଜସୁନାଖଳା ଓ ଚାନ୍ଦପୁର ପଞ୍ଚାୟତକୁ ନୂତନ ଭାବେ ପିଏମ ସ୍ୱନିଧି ଯୋଜନାର ସାମିଲ କରଯାଇଥିଲା । ଆଜିର କାର୍ଯ୍ୟକ୍ରମକୁ ନୟାଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ ସାମ୍ବାଦିକ ରାମକୃଷ୍ଣ ରଥ ସଂଯୋଜନା କରିଥିଲେ । କ୍ଷୁଦ୍ର ବ୍ୟବସାୟୀଙ୍କ ସଶକ୍ତିକରଣ ପାଇଁ ସରକାରଙ୍କ ଏହା ଏକ ବରିଷ୍ଠ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା ।

## ଷ୍ଟ୍ରିଟ ଲାଇଟ୍ କେଳେଙ୍କାରୀ

# ୬ ପଞ୍ଚାୟତରେ ଭିଜିଲାନ୍ସ ବିଭାଗର ଚାରି ଜଣିଆ ଟିମ୍‌ର ଛାନବିନ

## ଖୋଜି ଖୋଜି ନୟାନ୍ତ, ମିଳିଲାନି ଗୋଟାଏ ବି ଲାଇଟ୍

ବିଂଝାରପୁର ,୨/୭ (ଆନିସ):ବିଞ୍ଝାରପୁର ବ୍ଲକରେ ଷ୍ଟ୍ରିଟ୍ ଲାଇଟ୍ କ୍ରୟ ଓ ସ୍ଥାପନାରେ ଅନିୟମିତତା ଏବଂ ଦୁର୍ନୀତି ଅଭିଯୋଗକୁ ନେଇ ଆଜି ଭିଜିଲାନ୍ସ ବିଭାଗର ଏକ ୪ ଜଣିଆ ଟିମ୍ ବ୍ଲକର ୬ଟି ପଞ୍ଚାୟତରେ ଖୋଳତାଡ଼ କରିଛନ୍ତି। ଟିମ୍ ବିଭିନ୍ନ ସ୍ଥାନକୁ ଯାଇ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନା, ତାହାର ବାସ୍ତବ ସ୍ଥିତି ଓ ସରକାରୀ ରେକର୍ଡ ସହ ମେଳ କରି ତଦନ୍ତ କରିଥିଲେ।



ବିଶେଷକରି ଜରି ପଞ୍ଚାୟତରେ ଟିମ୍ ଦୀର୍ଘ ସମୟ ଧରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ କେତେକ ରେକର୍ଡଭୁକ୍ତ ଷ୍ଟ୍ରିଟ୍ ଲାଇଟ୍‌ର ସନ୍ଧାନ ପାଇନଥିବା ସୂଚନା ମିଳିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତଦନ୍ତକାରୀ ଦଳ ସମ୍ପୃକ୍ତ କାଗଜପତ୍ର, ବିଲ୍, କ୍ରୟ ସମ୍ପର୍କିତ ରେକର୍ଡ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ମଧ ସୂଚନା ସଂଗ୍ରହ କରିଥିବା ଜଣାପଡ଼ିଛି।

ତେବେ ଅନୁଗୁଳ ଭିଜିଲାନ୍ସ ଡିଏସପିଙ୍କ ନେତୃତ୍ୱରେ ଏହି ତଦନ୍ତ କରାଯାଇଥିବା ବେଳେ ସେ ମହାଶୟ ଗଣମାଧ୍ୟମ କୁ କିଛି କହି ନାହାଁନ୍ତି। ସୂଚନା ମୁତାବକ ୨୦୨୨/୨୩ ବର୍ଷରେ ରାଜ୍ୟ ଅର୍ଥ କମିଶନ ବିକେନ୍ଦ୍ରୀକରଣ ଅନୁଦାନରେ ୮ କୋଟି ୪୯ ଲକ୍ଷ ଟଙ୍କାରେ ଯାଜପୁର ଜିଲାର ବିଭିନ୍ନ ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା ।ଆଜି ଅନୁଗୁଳ ଜିଲା ଭିଜିଲାନ୍ସ ଡିଏସପି ଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ଜରି, ବାଙ୍ଗରା , ହଳଦିଡିହ, ରଣପୁର, ଚନ୍ଦ୍ରମୁଁ, ସିଂହପୁର, ପଞ୍ଚାୟତରେ ଅନୁସନ୍ଧାନ କରିଥିଲେ । ଜରି ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ୍ ର ଚିହ୍ନ ବର୍ଣ୍ଣ ମିଳିନଥିବା ବେଳେ କ୍ଷେତ୍ର ବୈଷୟିକ ଅନୁସନ୍ଧାନରେ କେଉଁଠି ଏନର୍ଜି ମିଟର,୫୦୦ ମିଟର କେବୁଲ ତାର, ଏମ ସି ସି ବି, ଆଇ ହୁକ୍, ସସ୍ପେନ୍ ସନ୍ କ୍ଲାମ୍ପ, ଡେଡ ଏଣ୍ଡ କ୍ଲାମ୍ପ, ଟାଇମର ନଥିବା ଲକ୍ଷ୍ୟ କରାଯାଇଥିଲା । ଅଧିକାଂଶ ଲାଇଟ୍ କାର୍ଯ୍ୟକ୍ଷମ ହେଉନଥିବା ସୂଚନା ସ୍ଥାନୀୟ ଜନପ୍ରତିନିଧି ସରପଞ୍ଚ ନନ୍ଦ କିଶୋର ମଲ୍ଲିକ, ଜ୍ଞାନେନ୍ଦ୍ର ଜେନା ସହଯୋଗ କରିଥିବା ବେଳେ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଏସଡିଓ ରବି ନାରାୟଣ ଦାସ ଟିମ୍ ସହ ବିଭିନ୍ନ ପଞ୍ଚାୟତ ଗସ୍ତ କରିଥିଲେ।

# ରାଇରଙ୍ଗପୁର ଡାକବଙ୍ଗଳା ଯିବା ରାସ୍ତା ଛକ ଏବେ ବୀର ସିଦ୍ଧୁ-କାହ୍ନୁଛକ

ରାଇରଙ୍ଗପୁର, ୨।୭ (ଆନିସ): ରାଇରଙ୍ଗପୁର ରାଣିପାଳ ଗ୍ରାମ ଡାକ ବଙ୍ଗଳା ଯିବା ରାସ୍ତା ରେ ଥିବା ଛକର ନୂତନ ନାମକରଣ ହେଲା ବୀର ସିଦ୍ଧୁ-କାନ୍ହୁ ଛକ। ଶତାଧିକ ଆଦିବାସୀ ପୁରଷ ମହିଳାମାନେ ନୃତ୍ୟର ତାଳେ ତାଳେ ନୂତନ ନାମରେ ନାମକରଣ କରାଗଲା । ହୁଲମାହାର ଦ୍ବିତୀୟ ଦିନରେ ବୀର ସିଦ୍ଧୁ-କାନ୍ହୁମେମୋରିଆଲ କ୍ଲବ ଦ୍ୱାରା ଆଦିବାସୀ ସାନ୍ତାଳ ବିଦ୍ରୋହ ହୁଲ ମାହାର ସ୍ମୃତିରେ ୩୦ ଜୁନ ୧୮୫୫-୫୬ ଆଦିବାସୀ ସଂଗ୍ରାମୀ ବୀର ସିଦ୍ଧୁ କାନ୍ହୁଙ୍କ ସଂଗ୍ରାମ କୁ ମନେ ରଖିବା ପାଇଁ ମୁଖ୍ୟ ଅତିଥି ଆଦିବାସୀ ସଂଗ୍ରାମୀ ନେତା ପୂର୍ବତନ ବିଧାୟକ ସାହିବା ସୁଶୀଲ ହାଂସଦା ଓ ବିଶିଷ୍ଟ ଅତିଥି ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଓ ପଣ୍ଡିତ ରଘୁନାଥ ମୂର୍ମୁଙ୍କ ଅଣନାତୀ ଭୀମବାର ମୁର୍ମୁ ଙ୍କ ଉପସ୍ଥିତିରେ ଏହି ଐତିହାସିକ ବୀର ସିଦ୍ଧୁ କାନ୍ହୁଛକର ନାମକରଣ କରାଯାଇଥିଲା। ଏହା ପୂର୍ବରେ ଗ୍ରାମ ମାଝୀଙ୍କ ଘରୁ ପରାମ୍ପାରିକ ରିତିନୀତିରେ ପୂଜା ସାମଗ୍ରୀ ଓ ଗଜାବଜା ବଜାଇ ଆଦିବାସୀ ମହିଳା-ପୂରୁଷ ଓ ଯୁବ ବାଳକ-ବାଳିକା ମାନେ ଧୁମସା ମାଦଳ ଓ ନାଗରା ବଜାଇ ଗ୍ରାମ ରାସ୍ତାର ମୁଖ୍ୟ ଗେଟ ରାଇରଙ୍ଗପୁର ଡାକ ବଙ୍ଗଳା ଛକରେ ପହଂଚି ଆଦିବାସୀ ପତାକା ଚିରଗାଲ ଝଣ୍ଡା ଉଡାଇବା ପରେ ବୀର ସିଦ୍ଧୁ କାନ୍ହୁନାମରେ ନାମିତ ଫଳକ



ଲଗାଇ ପରାମ୍ପାରିକ ରୀତିନୀତି ରେ ପୂଜା ଅର୍ଚ୍ଚନା କରି ସହିଦ ମାନଙ୍କ ଉଦ୍ଦେଶ୍ୟରେ ପୂଜା କରା ଯାଇଥିଲା। ହିର୍ଲା ମାରାଙ୍ଗ ବୁରୁ ହିର୍ଲା, ଓ ବୀର ସିଦ୍ଧୁ କାନ୍ହୁହିତଲାଇ, ଚାନ୍ଦ ଭୈରବ ଫୁଲ ଝାନ ହିତଲାଇ ସ୍ଲୋଗାନ ରେ କମ୍ପିଉଠିଲା ରାଣିପାଳ ଗାଁ ।ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ସାହିବା ସୁଶୀଲ ହାଂସଦା, ହୁଲ ମାହା ଉଦ୍ଦେଶ୍ୟରେ ଇଂଗ୍ରେଜୀ ଶାସନ ବିରୁଦ୍ଧରେ ସଂଗ୍ରାମୀ ସିଦ୍ଧୁ କାନ୍ହୁଙ୍କ ନେତୃତ୍ୱରେ ଶହସ୍ରାଧିକ ଲୋକଙ୍କ ବଳିଦାନ ପରେ ଆଦିବାସୀ ମାନଙ୍କୁ ଜମିର ଅଧିକାର ଇଂରେଜ ଶାସକ ମାନେ ବିଶେଷ ଅଧିକାର (ସିଏନଟି ) ସାନ୍ତାଳ ପର୍ଗାନା ଟେନେନ୍ସି ଏକ୍ଟ କାନୁନ ତିଆରି କରି ଜମିର ଅଧିକାର ପ୍ରଦାନ କରିଥିଲେ। ଯାହାଫଳରେ ଆଦିବାସୀ ଆଜି ପର୍ଯ୍ୟନ୍ତ ଆଦିବାସୀ ମାନେ ଜଳ ଜଙ୍ଗଲ ଜମି ବିଶେଷ ଅଧିକାର ପାଇଛନ୍ତି ବୋଲି କହିଥିଲେ। ଏହା ପରେ ବିଶିଷ୍ଟ ଅତିଥି ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ବୀର ବିର୍ସା ମୁଣ୍ଡା ଙ୍କ ସଂଗ୍ରାମୀ ଆନ୍ଦୋଳନ ଛୋଟ ନାଗପୁର ରାଞ୍ଚି କୋହ୍ଲାନ ଅଂଚଳର ମୁଣ୍ଡା ବିଦ୍ରୋହ ଉଲଗୁଲାନ କରି ବଳିଦାନ ଦେଇଥିଲେ, ଯାହାଫଳରେ ଛୋଟନାପୁର ଟେନେନ୍ସି ଏକ୍ଟ ଇଂରେଜ ସରକାର ଆଦିବାସୀ ମାନଙ୍କ କାନୁନ ତିଆରି କରି ଜମିର ଅଧିକାର ପ୍ରଦାନ କରିଥିଲେ ବୋଲି କହିଥିଲେ। ଏହି ପ୍ରକାର ଆଦିବାସୀଙ୍କ ପୂର୍ବ ପୁରୁଷମାନେ ସମାଜକୁ ବଂଚିବାର ଅଧିକାର ନିଜର ଜୀବନକୁ ବଳିଦାନ କରଥିବାରୁ ତାଙ୍କରି ସ୍ମୃତି ଓ ଆଦିବାସୀ ଅସ୍ମିତା କୁ ବଞ୍ଚିବାକୁ ପ୍ରେରଣା ଦେଇଥିଲେ। ଆଗାମୀ ଦିନରେ ମଧ ସମସ୍ତ ଆଦିବାସୀ ଏକଜୁଟ ହୋଇ ନିଜର ଜଳ ଜଙ୍ଗଲ ଜମି ଓ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସମ୍ବିଧାନିକ ଅଧିକାର କୁ ସୁରକ୍ଷା ଦେବା ପାଇଁ ବର୍ତ୍ତମାନ ଯୁବପୀଢ଼ି ମାଙ୍କର ଗୁରୁଦାୟିତ୍ବ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭୀମରାଓ ମୁର୍ମୁ ଜନସାଧାରଣଙ୍କ ଉଦବୋଧନ ଦେଇ କହିଥିଲେ ଯେ ବର୍ତ୍ତମାନ ଯୁବପୀଢ଼ିଙ୍କ ସହିତ ସମସ୍ତ ଆଦିବାସୀ ନିଜର ଜନ୍ମ ମାଟି ଓ ନିଜର ମାତୃଭାଷା ସାନ୍ତାଳୀ ଅଲଚିକି ଲିପି ରେ ଶିକ୍ଷା ଓ ନିଜର ସଂସ୍କୃତି ଧର୍ମ ରକ୍ଷା ପାଇଁ ବିଶେଷ ଭାବରେ ଆଗେଇ ଆସିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସଭାଶେଷରେ ପୂର୍ବତନ ବିଧାୟକ ସାହିବା ସୁଶୀଲ ହାଁସଦାଃ ଙ୍କ ଦ୍ୱାରା ବୀରରସ ର ଗୀତ ଗାଇ ସମସ୍ତ ବୀର ସହିଦଙ୍କୁ ସ୍ତୁତିଚରଣ କରିଥିଲେ।ଶେଷରେ କ୍ଲବର ସଭାପତି ବିକ୍ରମ ଟୁଡୁ ସମସ୍ତ ଗ୍ରାମବାସୀଙ୍କୁ ଓ ଅତିଥି ମାନଙ୍କୁ ସାଧୁବାଦ ଜଣାଇ ଧନ୍ୟବାଦ ଦେଇଥିଲେ।

# ହଷ୍ଟେଲ ଅଧିକ୍ଷକଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦୁଝର,୨।୭ : କେନ୍ଦୁଝର ସ୍ଥିତ ପିଏମଶ୍ରୀ ଡିଏନ ହାଇସ୍କୁଲ ଠାରେ ହଷ୍ଟେଲ ଅଧିକ୍ଷକମାନଙ୍କର ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦ୍‌ଘାଟିତ ହୋଇଯାଇଛି । ଆଇଟିଡିଏ କେନ୍ଦୁଝର ଜରିଆରେ ଜିଲ୍ଲା ମଙ୍ଗଳ ବିଭାଗର ସହଭାଗିତାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଏବଂ ଅଦୁସୂଚିତ ଜାତି ଓ ଜନଜାତି ବିଭାଗ ଅଧିନସ୍ଥ ୧୨୦ ଟି ହଷ୍ଟେଲର ପ୍ରଦାନ ଶିକ୍ଷକ ତଥା ଅଧିକ୍ଷକମାନେ ଯୋଗ ଦେଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମର ମହାନ୍ତ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ହଷ୍ଟେଲ ଗୁଡିକର ମରାମତି ଓ ନୂତନ ଗୃହ ନିର୍ମାଣ ପାଇଁ କିପରି ବିଲଡିଂ ଆଣ୍ଡ ଆସେଟ ମ୍ୟାନେଜମେଂଟ ସିଷ୍ଟମ (ବିଏଏମଏସ୍) ମାଧ୍ୟମରେ ଅନ୍‌ଲାଇନରେ ତଥ୍ୟକୁ ଅପଲୋଡ କରିବେ ସେ ବିଷୟରେ ବୁଝାଇଥିଲେ । ରାଜ୍ୟ ସରକାର ଅପଲୋଡ ହୋଇଥିବା ତଥ୍ୟକୁ ଆଧାର କରି ଆଇଟିଡିଏ ଦ୍ୱାରା ହଷ୍ଟେଲ ଗୁଡିକର ମରାମତି ଏବଂ ନୂତନ ଗୃହ ନିର୍ମାଣ କରିବେ ବୋଲି ପ୍ରକାଶ କରିଥିଲେ ।

ପ୍ରଶିକ୍ଷଣ ଶିବିରରେ କେନ୍ଦୁଝର ମଙ୍ଗଳ ବିଭାଗର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂହ,ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତ ସିଂହାର,କେନ୍ଦୁଝର ଆଇଡିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର କୁମାର ନାଏକ,ପିଏମଶ୍ରୀ ଡିଏନ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି ଙ୍କ ସମେତ ସମସ୍ତ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀମାନେ ଅତିଥିଭାବେ ଯୋଗ ଦେଇଥିଲେ । ମାଷ୍ଟର ଟ୍ରେନର ଭାବେ ପ୍ରଭାତେନ୍ଦୁ ନାଏକ,ପ୍ରଶାନ୍ତ ଖୁଣ୍ଟିଆ ଯୋଗ ଦେଇଥିଲେ । ପ୍ରଥମ ଦିନରେ କେନ୍ଦୁଝର ଆଇଟିଡିଏ ଅଧିନସ୍ଥ ୪ଟି ବ୍ଲକ ଯଥା ତେଲକୋଇ,ବାଂଶପାଳ,ପାଟଣା ଓ ସାହାରପଡାର ହଷ୍ଟେଲ ଅଧିକ୍ଷକ ତଥା ପ୍ରଧାନ ଶିକ୍ଷକମାନେ ଯୋଗ ଦେଇଥିଲେ । ୩ ତାରିଖ ଦିନ ଘଟଗାଁ, ସଦର, ହରିଚନ୍ଦନପୁର,ଘସିପୁରା,ଆନନ୍ଦପୁର ଏବଂ ହାଟଡିହି ବ୍ଲକର ସମସ୍ତ ହଷ୍ଟେଲ ଅଧିକ୍ଷକ ତଥା ପ୍ରଧାନ ଶିକ୍ଷକମାନେ ଯୋଗ ଦେବେ ।

# ଏର୍ଗାପିଟାରୁ ରେମଣ୍ଡା ଆରଡି ରାସ୍ତାରେ ବାଇକ ଆରୋହୀଙ୍କ ଦୁର୍ଘଟଣା

ସୁନ୍ଦରଗଡ, ୦୨/୦୭(ଆନିସ):ଟାଙ୍ଗରପାଲି ବ୍ଲକ ରେମଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏର୍ଗାପିଟାରୁ ରେମଣ୍ଡା ଆରଡି ରାସ୍ତାରେ ଏକ ବାଇକ ଆରୋହୀଙ୍କ ଦୁର୍ଘଟଣା ହୋଇ ଯାଇଛି । କିଛି ବର୍ଷ ଆଗରୁ ଆର ଡି ବିଭାଗ ତରଫରୁ ଏକ ରାସ୍ତା ନିର୍ମାଣ ହୋଇଥିଲା, ଯେଉଁଥିରେ ଏକ ପୋଲ ମଧ ତିଆରି ହୋଇଥିଲା। ଠିକାଦାର ଏବଂ ଆର ଡି ବିଭାଗ ଯନ୍ତ୍ରୀଙ୍କ ଦ୍ୱାରା ନିମ୍ନମାନର କାମ ଯୋଗୁଁ ପୋଲ ଟି ଭାଙ୍ଗି ଯାଇଥିଲା। ଆଜି ବାଇକରେ ଏକ ଦମ୍ପତି ଏର୍ଗାପିଟାରୁ ରେମଣ୍ଡା ଆସୁଥିବା ସମୟରେ ଭଙ୍ଗା ପୋଲରେ ପଡି ଆହତ ହୋଇଛନ୍ତି । ତାଙ୍କୁ ଗ୍ରାମବାସୀ ନିକଟସ୍ଥ ମଙ୍ଗସପୁର ଡାକ୍ତରଖାନାକୁ ଚିକିତ୍ସା କରିବା ପାଇଁ ନେଇଛନ୍ତି ।ଆହତ ମାନେ ହେଲେ କଅଁରବଗା ଗ୍ରାମର ନିତାଇ ନାଏକ ଓ ବୈଜୟନ୍ତୀ ନାଏକ ଯଥା ଶୀଘ୍ର ରାସ୍ତାରେ ଥିବା ପୋଲ କୁ ମରାମତି କରିବା ପାଇଁ ଗ୍ରାମବାସୀ ଦାବୀ ଜଣାଇଛନ୍ତି ।

# ରେଡି ଭୋଲଣ୍ଟିଅର୍ସ ଦ୍ୱାରା ଡାକ୍ତର ଦିବସ ପାଳିତ

ରାଇରଙ୍ଗପୁର,(୨/୭): ସ୍ୱେଚ୍ଛାସେବୀ ସଂଗଠନ ରେଡି ଭୋଲଣ୍ଟିଅର୍ସ ଦ୍ୱାରା ଏକ



ବାର୍ତ୍ତାମୂଳକ ବିଶ୍ୱ ଡକ୍ଟର ଦିବସ ପାଳିତ ହୋଇ ଯାଇଛି। ରେଡି ଭୋଲଣ୍ଟିଅର୍ସ ଡାଇରେକ୍ଟର ବିଜୟ କୁମାର ରାମଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ରେଡି ଭୋଲଣ୍ଟିଅର୍ସ ପ୍ରେସିଡେଣ୍ଟ ପ୍ରୀତି ରାଜ ଏବଂ ଉପସଭାପତି ତୋପାଇ ବେହେରା ପରିଚାଳନା କରିଥିଲେ। ରାଇରଙ୍ଗପୁର ହସ୍ପିଟାଲରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସ୍ୱାଇକରେ ଥିବା ସମସ୍ତ ଡାକ୍ତର ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ରେଡି ଭୋଲଣ୍ଟିଅର୍ସ ର ନିଜ ଥିମ ଗୋଡ ଇଜ ଗୋଡ, ଡାକ୍ତର ଇଜ ଲିଭିଙ୍ଗ ଗୋଡ କୁ ଆଧାର କରି କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ।ଉପଖଣ୍ଡର ସମସ୍ତ ଡକ୍ଟର ମାନଙ୍କ ସହିତ ରେଡି ଭୋଲଣ୍ଟିଅର୍ସ ସଂପାଦକ ସୁଭଦ୍ରା ବାରିକ,ଶମିତା ବେହେରା,ବିଶାଲ, ରାଜଶ୍ରୀ ରାମ, ନମୀତା ବିନ୍ଧାଣୀ,ରୀତିକା, ଆକାଶ, ନିଶା ଏବଂ ଅନ୍ୟାନ୍ୟ ରେଡି ଭୋଲଣ୍ଟିଅର୍ସ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମଟି କୁ ସାଫଲ୍ୟମଣ୍ଡିତ କରିଥିଲେ। ବିଜୟ ରାମ ସମସ୍ତ ଡକ୍ଟରମାନଙ୍କୁ ଭୋଲଣ୍ଟିଅର୍ସ ମାନଙ୍କ ସହିତ ଗ୍ରାଣ୍ଡ ସେଲ୍ୟୁଟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda